
## ଜାଗରରେ ଚଳଚଞ୍ଚଳ ସମସ୍ତ ଶୈବପୀଠ

# ସବୁଠି ଶୁଭିଲା ଓଁ ନମଃ ଶିବାୟ


ବ୍ରହ୍ମଗିରି


ଚାରିଛକ


ବଳଙ୍ଗା


ସାକ୍ଷୀଗୋପାଳ

ବ୍ରହ୍ମଗିରି,୧୫।୨(ସମିସ)

ରବିବାର ଜାଗର ଅବସରରେ ଚଳଚଞ୍ଚଳ ହୋଇପଡ଼ିଛି ସମସ୍ତ ଶୈବପୀଠ। ଓଁ ନମଃ ଶିବାୟ ମନ୍ତ୍ରରେ ଗଗନ ପବନ ପ୍ରକମ୍ପିତ ହୋଇଛି। ମୁନି ସନତ୍ କୁମାରଙ୍କ ମତରେ, ଶିବଙ୍କୁ ପ୍ରସନ୍ନ କରିବାର ଦଶଗୋଟି ବ୍ରତ ଅଛି। ସେଥିମଧ୍ୟରୁ ଶିବରାତ୍ରୀ ବ୍ରତ ସର୍ବଶ୍ରେଷ୍ଠ। ଭାରତର ବିଭିନ୍ନ ସ୍ଥାନରେ ଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ କ୍ଷେତ୍ରରେ ଏହି ବ୍ରତ ବେଶ୍ ଭକ୍ତି ଓ ଉଲ୍ଲାସର ସହ ପାଳିତ ହୋଇଥାଏ। ହିନ୍ଦୁଧର୍ମ ବିଶ୍ୱାସରେ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କୁ ସୃଷ୍ଟି, ସ୍ଥିତି ଓ ସଂହାରର ନିୟନ୍ତା ରୂପେ ବିବେଚନା କରାଯାଏ। ମହେଶ୍ୱର ଶିବ ସୃଷ୍ଟିର ସମସ୍ତ ଅନିଷ୍ଟକାରୀ, ଅପଶକ୍ତି, ଅନ୍ୟାୟ ଓ ଅନୀତିକୁ ସଂହାର କରି ସଂସାରକୁ ସୁଖ ଶାନ୍ତି ପ୍ରଦାନ କରନ୍ତି। ସେ ସତ୍ୟ-ଶିବ-ସୁନ୍ଦର। ସେ ଅକାଳମୃତ୍ୟୁ ହରଣର ମହାଶକ୍ତି ମୃତ୍ୟୁଞ୍ଜୟ। ପୁରାଣରେ ଶିବରାତ୍ରୀ ପାଳନ କରାଯିବା ପଛରେ ବିଭିନ୍ନ ବର୍ଣ୍ଣନା ରହିଛି। ସେହିଭଳି ପୁରାଣର ଏକ ଆଖ୍ୟାନ କହେ; ଦେବ ଓ ଅସୁରମାନଙ୍କ ଦ୍ୱାରା ସମୁଦ୍ର ମନ୍ଥନ ସମୟରେ ସେଥିରୁ ବାହାରିଥିବା ସମସ୍ତ ବିଷ ପାନକରି ଶିବ ଧରାକୁ ଆସନ୍ନ ବିପଦରୁ ଉଦ୍ଧାର କରିଥିଲେ। ଏହି ବିଷ ପାନ କରିବା ପରେ ବିଷ ଜ୍ୱାଳାରେ ସେ ମୂର୍ଚ୍ଛା ହୋଇଯାଇଥିଲେ। ତାଙ୍କର ସଂଜ୍ଞା ନ ଫେରିବା ପର୍ଯ୍ୟନ୍ତ ଦେବଗଣ ଓ ଶୈବବୃନ୍ଦ ଅଖଣ୍ଡ ପ୍ରଦୀପ ଜାଳି ଉଜାଗରରେ ବସିଥିଲେ। ସେହିଦିନକୁ ମନେପକାଇ ଶ୍ରଦ୍ଧାଳୁମାନେ ମହାଶିବରାତ୍ରୀ ପାଳନ କରିଥା'ନ୍ତି। ବ୍ରହ୍ମଗିରି ଅଞ୍ଚଳରେ ବିଭିନ୍ନ ଶିବ ମନ୍ଦିରରେ ସକାଳୁ ସକାଳୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଥିଲା। ପ୍ରତ୍ୟେକ ମନ୍ଦିର ତଥା ଐଶାନେଶ୍ୱର ଦେବ ସାହାସପୁର, ହରିସହଦେବ ପଣସପଦା, କଣ୍ଠେଶ୍ୱରଦେବ କୁଶୁପୁର, ବାଲୁଙ୍କେଶ୍ୱର ଦେବ ଦିମ୍ବିରିସେଣ, ଭୀମେଶ୍ୱରଦେବ ବେବଅସୁନ୍ଦର, ଯୁଦ୍ଧିଷ୍ଠିର ଦେବ ଗୌଡ଼କେରା ଆଦି ପ୍ରମୁଖ ଶିବ ମନ୍ଦିରରେ ରାତି ୨ଟା ପରେ ମହାଦୀପ ଉଠିଥିଲା। ସମସ୍ତ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

**ନୟାହାଟ:** ଗୋପ ବ୍ଲକ୍‌ର ନୟାହାଟ ଅଞ୍ଚଳରେ ବିଭିନ୍ନ ଶୈବପୀଠରେ ଯାକଯମକରେ ପାଳିତ ହୋଇଛି। ଶିଙ୍ଗ ପାନିଆ, ପଲ୍ଲି ଛକ, ବଉଲାଙ୍ଗ, ଦେସୁଣ୍ଠୀ, ମୁରୁଡ଼ା, ଯୋଗେଶ୍ୱରପୁର, ପାଞ୍ଚେଣା, ତିରୁଣା, ସମା, ପାଇକ ସାହି, ସୁଆର, ଅରେଇ ପ୍ରମୁଖ ଗ୍ରାମରେ ଥିବା ଶୈବପୀଠରେ ଭକ୍ତମାନେ ଦୀପ ଜାଳି ନିଜର ମାନସିକ ପୂରଣ ପାଇଁ ଠାକୁରଙ୍କ ନିକଟରେ ଗୁହାରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଜାଗର ବ୍ରତ କରି ଦିନସାରା ଉପାସ ରହି ରାତିରେ ଠାକୁରଙ୍କ ନିକଟରେ ଉଜାଗର ରହି ମାନସିକ ପୂରଣ ନିମନ୍ତେ ଦୀପ ଜାଳୁଥିବାର ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦେଖିବାକୁ ମିଳିଛି।

**ଚାରିଛକ:** ପବିତ୍ର ମହାଶିବରାତ୍ରୀ ଜାଗର ଉପଲକ୍ଷେ ପ୍ରାଚୀ ତଟସ୍ଥ ଶୈବପୀଠଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ସକାଳୁ ସ୍ଥାନୀୟ ଚନ୍ଦ୍ରଶେଖର, ଅମରେଶ୍ୱର, ବଦେଶ୍ୱର, ପୂର୍ଣ୍ଣେଶ୍ୱର, ବାଲୁଙ୍କେଶ୍ୱର, ଅଙ୍ଗେଶ୍ୱର, ଜଟେଶ୍ୱର, ହରିଶଙ୍କର, ଭଦ୍ରେଶ୍ୱର, ସର୍ବେଶ୍ୱର, ସୋମନାଥ, ରାମେଶ୍ୱର, ବ୍ରହ୍ମେଶ୍ୱର ଆଦି ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଲାଗିଥିଲା। ବିଭିନ୍ନ ଶୈବପୀଠଗୁଡ଼ିକ ରଙ୍ଗ ବେରଙ୍ଗ ଆଲୋକମାଳାରେ ସୁସଜ୍ଜିତ ହୋଇଥିଲା। ଅନେକ ମନ୍ଦିର ପରିସରରେ ଅଷ୍ଟପ୍ରହର ନାମଯଜ୍ଞ, ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ଦେଖିବାକୁ ମିଳିଥିଲା। ଭକ୍ତମାନେ ଉଜାଗର ରହିବା ସହିତ ସନ୍ଧ୍ୟାରେ ନିକଟସ୍ଥ ବିଭିନ୍ନ ଶିବ ମନ୍ଦିରକୁ ଯାଇ ଦୀପ ଜଳାଇ ମାନସିକ ପୂରଣ ପାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପୀଠଗୁଡ଼ିକରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ସ୍ଥାନୀୟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

**ବଳଙ୍ଗା:** ପଶ୍ଚିମାଶମ୍ଭୁ ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଥାନପତି ବକ୍ରେଶ୍ୱର, ଅଲାରପୁର ହରଦୁର୍ଗା, ଚକ୍ରକୁଦ ଲୋକନାଥ, ଗୋକନ ଗୋକର୍ଣ୍ଣେଶ୍ୱର, କୋଟକୁ ସାଙ୍ଗ ତରବୋଇ ଡାଙ୍ଗୁରା ଚୌଧୁରୀ ସାହି, ଅରେଇ ସାହି ନୀଳକଣ୍ଠେଶ୍ୱର, ଉଛୁପୁର, ଚନ୍ଦ୍ରାଦେଇପୁର ବରିହା ବ୍ରାହ୍ମଣ, ଚାନ୍ଦପୁର ବାଲୁଙ୍କେଶ୍ୱର, ନୂଆସନ୍ଥ ଉତ୍ପଳେଶ୍ୱର, କୋହ୍ଲଣା ପାର୍ବତୀପୁର ଗତିଶ୍ୱର, ଭଗବତୀପୁର ବକ୍ରେଶ୍ୱର, ଶାଳଜଙ୍ଗ ଶାଳେଶ୍ୱର, ବେରବୋଇ ରାଜତେଇ ସିଦ୍ଧେଶ୍ୱର, ଦେଉଳି ଉଗ୍ରେଶ୍ୱର, କନ୍ୟାକୁଦ ଲୋକନାଥ, କାଳିଆପଦା ପଣ୍ଡୁକେଶ୍ୱର, ବିଦ୍ୟାଧରପୁର କୁଣ୍ଡଳେଶ୍ୱର, ଲୋକନାଥ ଭୁତୁପଦା, ବଡ଼ତୋଟା ବାଲିସାହି ବିଲ୍ୱକପିଳେଶ୍ୱର, ମୈଜୁବେଗ ଉଛୁପୁର ନୂଆସାହି ଆଖଣ୍ଡଳମଣି, ଶାଇଁଶ ଶାସନ ବିଶ୍ୱନାଥ ପ୍ରଭୃତି ଶୈବପୀଠରେ ମହାଶିବରାତ୍ରୀ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଛି। ଅନେକ ପିଠରେ ଅଷ୍ଟପ୍ରହରୀ, ନାମଯଜ୍ଞ, ହନୁମାନ ଚାଳିଶା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ସାକ୍ଷୀଗୋପାଳ:** ପବିତ୍ର ମହାଶିବରାତ୍ରୀ ଜାଗର ଯାତ୍ରା ଅବସରରେ ସାକ୍ଷୀଗୋପାଳ ଅଞ୍ଚଳର ପ୍ରତ୍ୟେକ ଶୈବପୀଠ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ଚଳଚଞ୍ଚଳ ହୋଇଉଠିଥିଲା। ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇଥିଲା। ପ୍ରତ୍ୟୁଷରୁ ମନ୍ଦିର ସାହାଣମେଲା ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ଠାକୁରଙ୍କୁ ଦର୍ଶନ, ପାଣିଲାଗି, କେତକୀ ଫୁଲ ଲାଗି ଓ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ବେଢ଼ାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ମନସ୍କାମନା ପୂରଣ ନିମନ୍ତେ ଜାଗର ଜାଳିଥିଲେ। ବିଳମ୍ବିତ ରାତିରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ଭକ୍ତମାନେ ମହାଦୀପ ଦର୍ଶନ କରିଥିଲେ।

ବଡ଼ କାଞ୍ଚିଆସ୍ଥିତ ଶ୍ରୀଶ୍ରୀ କୋଶଳେଶ୍ୱରଦେବ, ଅହମ୍ମଦପୁରସ୍ଥିତ ଶ୍ରୀଶ୍ରୀ ମୁଆଁଖିଆ ମହାଦେବ, ସାଣ୍ଠରା ଶାସନସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱରଦେବ, ଷୋଳହଳସ୍ଥିତ ଶ୍ରୀଶ୍ରୀ ଲୋକନାଥଦେବ, ଓଲସ୍ଥିତ ଶ୍ରୀଶ୍ରୀ ଇନ୍ଦ୍ରେଶ୍ୱରଦେବ, ବରାଳସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱରଦେବ, ଚାରିଶ୍ରୀସ୍ଥିତ ଶ୍ରୀଶ୍ରୀ ଯୋଡ଼ାଲିଙ୍ଗଦେବ, ବଳପୁରସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱରଦେବ, କାଦୁଆସ୍ଥିତ ଶ୍ରୀଶ୍ରୀ ବକ୍ରେଶ୍ୱରଦେବ ଓ ଶ୍ରୀରାମଚନ୍ଦ୍ରପୁରସ୍ଥିତ ଶ୍ରୀଶ୍ରୀ ଜଟେଶ୍ୱରଦେବଙ୍କ ସମେତ ସମସ୍ତ ଶୈବପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଲାଗିରହିଥିଲା। ଶୈବପୀଠଗୁଡ଼ିକ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ ହୋଇଛି। ଶୈବପୀଠମାନଙ୍କରେ ପାଲା, ଦାସକାଠିଆ, ଶ୍ରୀରାମ ଲୀଳା ଓ ବାଦୀପଲା ଆଦି ଅନୁଷ୍ଠିତ ହୋଇଥିଲା। ପୁରାଣ ପ୍ରସିଦ୍ଧ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ କାଦୁଆ ପଞ୍ଚାୟତର ବରାଳ ଗ୍ରାମରେ ଶ୍ରୀଶ୍ରୀ ବରାଳ ବାଲୁଙ୍କେଶ୍ୱରଦେବଙ୍କ ପୀଠରେ ଠାକୁରଙ୍କ ପୂଜାର୍ଚ୍ଚନା ନିମନ୍ତେ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**କଣାସ:** ସାରା ରାଜ୍ୟରେ ରବିବାର ମହାଶିବରାତ୍ରୀ ଉତ୍ସବ ମହାସମାରୋହରେ ପାଳିତ ହେଉଥିବାବେଳେ କଣାସ ବ୍ଲକ୍‌ରେ ପୁରପଲ୍ଲୀ ମଠ, ମନ୍ଦିରମାନଙ୍କରେ ଶିବରାତ୍ରୀ


କଣାସ

ଉତ୍ସବ ମହାସମାରୋହରେ ଶୈବପୀଠମାନଙ୍କରେ ପାଳିତ ହୋଇଯାଇଛି। ପ୍ରଭାତରୁ ପ୍ରତ୍ୟେକ ଶିବମନ୍ଦିରରେ ମହିଳା ଓ ପୁରୁଷମାନେ ଧାଡ଼ିରେ ଛିଡ଼ା ହୋଇ ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ପ୍ରତ୍ୟେକ ଶିବ ମନ୍ଦିରରେ ମହିଳା ଓ ପୁରୁଷମାନେ ପ୍ରଦୀପ ପ୍ରଜ୍ୱଳନ କରି ରାତ୍ର ଉଜାଗର ରହିବା ସହିତ ମଧ୍ୟରାତ୍ରରେ ମହାଦୀପ ଦର୍ଶନ କରିଥିଲେ। ପ୍ରତ୍ୟେକ ମନ୍ଦିରରେ ନାମ ସଂକୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶେଷ କରି କଣାସ ଗ୍ରାମର ଶ୍ରୀଲୋକନାଥଦେବ, ଦୋକନ୍ଦା ଗ୍ରାମର ବାବା ନୀଳକଣ୍ଠେଶ୍ୱରଦେବ, ବାଲିପାଟଣା ଗ୍ରାମର ଲୋକନାଥଦେବ, ବଡ଼ାସର ବୈଦ୍ୟନାଥଦେବ ଓ ପଞ୍ଚମୁଖୀ, ତ୍ରିଲୋଚନପୁରର ବାବା କପିଳେଶ୍ୱରଦେବ, ସାହାସପୁରର ବାବା ଗତିଶ୍ୱରଦେବ, ପାଣ୍ଡିଆକେରା ଗ୍ରାମର ବାବା ବୈଦ୍ୟନାଥଦେବ, ବାରିମଣ୍ଡଳବାବା ଗତିଶ୍ୱରଦେବ, ମୋଟରୀର ଗତିଶ୍ୱରଦେବ, କାତପଡ଼ା ଗ୍ରାମର ବାବା ନୀଳକଣ୍ଠେଶ୍ୱରଦେବ, କର୍ଣ୍ଣପଡ଼ା କାଳନ୍ଦୀଦେବ, ନୂଆପଡ଼ା ଗ୍ରାମର ବଙ୍କେଶ୍ୱରଦେବ, ସିରେଇର ଗତିଶ୍ୱରଦେବ, ରୂଢ଼ିପୁରର ବାବା ଆଖଣ୍ଡଳମଣି ଦେବ, ଜଙ୍କିଆର ବାବା କପିଳେଶ୍ୱରଦେବ, କରମଳାରବାବା ଆଖଣ୍ଡଳମଣିଦେବ, ଗଡ଼ିଶାଗୋଦାର ବାବା ହାଟକେଶ୍ୱରଦେବ, ରାଇଗରପୁରର ସିଦ୍ଧେଶ୍ୱରଦେବ, ମାଳିସାହିର କୁମୁନ୍ଦେଶ୍ୱର ଦେବ, ଶ୍ରୀମୁକୁନ୍ଦପୁରର ଇଶାନେଶ୍ୱର ଦେବ, ବଡ଼ାଲର ହଟକେଶ୍ୱରଦେବ ଓ ସରିଶ୍ୱରଦେବ ମନ୍ଦିରରେ ପ୍ରବଳ ଭିଡ଼ ଲାଗି ରହିଛି।

## ସାନଓରା ପ୍ରିମିୟମ୍ ଲିଗ୍: ସାହୁ ଇଲେଭେନ ଚାମ୍ପିଅନ

କଣାସ,୧୫।୨(ସମିସ): କଣାସ ବ୍ଲକ୍ କାଦୁଆ ପଞ୍ଚାୟତ ସାନଓରା ମହାବୀର ଖେଳ ପଡ଼ିଆରେ ମା' ହରଚଣ୍ଡୀ କ୍ଲବ୍ ଆନୁକୂଲ୍ୟରେ ସାନଓରା ପ୍ରିମିୟମ୍ ଲିଗ୍ ମ୍ୟାଚ୍ ସିଜିନ୍ ୪ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ



୫ଟି ଦଳ ଭାଗ ନେଇଥିଲେ। ଏଥିରେ ସାହୁ ଇଲେଭେନ୍ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍ ସାହୁ ଇଲେଭେନ୍ ସହିତ ସିଗ୍ନେଚର ଇଲେଭେନ ମଧ୍ୟରେ ହୋଇଥିଲା। ସାହୁ ଇଲେଭେନ ଟସ୍ ଜିତି ବ୍ୟାଟିଂ କରି ୮ ଓଭରରେ ୮ ୱିକେଟ୍ ବିନିମୟରେ ୪୯ ରନ୍ କରିଥିଲା। ସିଗ୍ନେଚର ଇଲେଭେନ୍ ସମସ୍ତ ୱିକେଟ୍ ହରାଇ ୩୮ ରନ୍ କରି ପରାସ୍ତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବେନୁ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଗୌତମ ମିଶ୍ର, ସମ୍ମାନିତ ଅତିଥିଭାବେ ମୋହନ ପରିଡ଼ା, ଅଜୟ ପ୍ରଧାନ, ମାରୁତି ଭୂଷଣ ପ୍ରଧାନ, ବିଶ୍ୱଜିତ୍ ବଡ଼ଜେନା ପ୍ରମୁଖ ଉପସ୍ଥିତ ରହି ବିଜେତା ଦଳକୁ ଟ୍ରଫି ସହିତ ୫ହଜା ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହିତ ୩ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ବିଶ୍ୱଭୂଷଣ ସାମନ୍ତରାୟ, ଦିପୁ କୁମାର, ବୁଦ୍ଧଦେବ ସାହୁ ଓ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ତ୍ରିମୂର୍ତ୍ତି ଶିବ ଜୟନ୍ତୀ ଉତ୍ସବ

କୃଷ୍ଣପ୍ରସାଦ,୧୫।୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦଗଡ଼ଠାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୯୦ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମାଲୁଦ ଉପସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ରେବତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ



ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ ଯୋଗଦେଇଥିଲେ। ଏହି ଅବସରରେ ଶିବଝଣ୍ଡା ଉତ୍ତୋଳନ କରାଯାଇଥିଲା। ପୁରୁଣା ସଂସ୍କାରକୁ ଈଶ୍ୱରଙ୍କ ନିକଟରେ ଅର୍ପଣ କରି ସ୍ୱ-ପରିବର୍ତ୍ତନରେ ବିଶ୍ୱ ପରିବର୍ତ୍ତନ କରିବା ପାଇଁ ଶପଥପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଏକ ନୂତନ ଶାଖା ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିକେ ପ୍ରସନ୍ନ, ବିକେ ଦିନେଶ, ବିକେ ପଦ୍ମ, ବିକେ ଶାନ୍ତି, ବିକେ ରାଜ କିଶୋର, ବିକେ ପ୍ରବୀଣ, ବିକେ ନାଲୁ ପ୍ରମୁଖ ସହଯୋଗ କରିଥିଲେ। ତତ୍‌ସହିତ ନିକଟସ୍ଥ ବଡ଼ଅଁଳ, ଜାଗିରିକୁଦା, ଖୋଳାମୁହଁ ଆଦି ଗ୍ରାମରେ ଶିବଝଣ୍ଡା ଉତ୍ତୋଳନ କରାଯାଇଥିଲା। ପ୍ରକାଶ ଥାଉ କି, ଦୀର୍ଘ ୧ ମାସ ଧରି ଏହି ଶିବ ଜୟନ୍ତୀ ଉତ୍ସବ ଉପସେବା କେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିଲା।

## ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ସଲାସୁତରାରେ ଚାଲିଛି ରାସ୍ତା କାମ

କୃଷ୍ଣପ୍ରସାଦ,୧୫।୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ମାଲୁଦ ପଞ୍ଚାୟତର ସାମନ୍ତରାୟପୁର ମଧୁର ନଇ ଚିଲିକା ରାସ୍ତା ନିର୍ମାଣ ନିମ୍ନମାନର ଅଭିଯୋଗ ହୋଇଛି। ସାମନ୍ତରାୟପୁରକୁ କିଛିଦିନ ହେବ ନିର୍ମାଣ କରାଯାଇଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ। ଉକ୍ତ କାମ ଶେଷ ହେବାର କିଛିଦିନ ପରେ ଅର୍ଥାତ୍ ବିଲ୍ ନ ହେଉଣୁ ପିଚୁ ଉଠିବାରେ ଲାଗିଛି। ସାମନ୍ତରାୟପୁର ଗ୍ରାମର କିଛି ଯୁବକ ରାସ୍ତାରେ ବସି ହାତରେ ପିଚୁକୁ ଟାଣିଲେ ୨ ଫୁଟ୍, ୩ ଫୁଟ୍ ଲମ୍ବାରେ ପିଚୁ ଉଠିଯାଉଛି। ଏହି ନିମ୍ନମାନର ପିଚୁ ରାସ୍ତା ନିର୍ମାଣର ଭାଇରାଲ ଭିଡିଓ କିଛିଦିନ ହେବ ମୋବାଇଲ୍‌ରୁ ମୋବାଇଲ୍‌କୁ ଘୂରି ବୁଲୁଛି। ଘଟଣାସ୍ଥଳକୁ ପହଞ୍ଚି ଆମ ପ୍ରତିନିଧି ଦେଖିବାବେଳେ ଠିକାଦାର କିଛି ବ୍ୟକ୍ତିଙ୍କୁ ହାତ କରି ଉଠାଇଥିବା ପିଚୁକୁ ମରାମତି କରି ହାତ ଚିକ୍କଣ କରି ବସିଛନ୍ତି। ଦେଖିବାକୁ ମିଳିଛି ଯେ, କୋଟି କୋଟି ଟଙ୍କାରେ ତିଆରି ରାସ୍ତା କାମ ଶେଷ ହୋଇଥିଲେ ମଧ୍ୟ କୌଣସି ସ୍ଥାନରେ ସୂଚନାଫଳକ ନାହିଁ। ଅନ୍ୟପକ୍ଷରେ କାର୍ଯ୍ୟ ଆରମ୍ଭରୁ ଶେଷ ଯାଏଁ ସଲାସୁତରା କରି ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାସ୍ତା କାର୍ଯ୍ୟ ଶେଷ ହୋଇଛି। ଉକ୍ତ ରାସ୍ତା କାମର ଭିଜିଲାନ୍ସ ତଦନ୍ତ କରିବା ଦାବି ହେବା ସହ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

### ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ପାଳିତ

## ଆଚାର୍ଯ୍ୟ ଥିଲେ ନିଷ୍ଠାପର, ନିଃସ୍ୱାର୍ଥପର, ନିଷ୍କଳଙ୍କ

ସାକ୍ଷୀଗୋପାଳ,୧୫।୨(ସମିସ): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦଙ୍କ ମିଳିତ ସହଯୋଗରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗୁରୁବାର ସାକ୍ଷୀଗୋପାଳର ଶ୍ରୀରାମଚନ୍ଦ୍ରପୁର ଶାସନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସାରସ୍ୱତ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ସୁସାହିତ୍ୟିକ ସନାତନ ଆଚାର୍ଯ୍ୟ, ଡ. ହିରଣ୍ମୟୀ ମିଶ୍ର, ମୌସୁମୀ ଦାସ, ରବିନାରାୟଣ ଷଡ଼ଙ୍ଗୀ, ଓଡ଼ିଆ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାଧାଗୋବିନ୍ଦ କୁଇଲା ପ୍ରମୁଖ ଯୋଗଦେଇଥିଲେ। ପୁରୀ ଜିଲ୍ଲାର ଶ୍ରୀରାମଚନ୍ଦ୍ରପୁର ଶାସନରେ ୧୮୭୯ ଫେବୃଆରୀ ୧୨ରେ ଆଚାର୍ଯ୍ୟଙ୍କ ଆବିର୍ଭାବ ଏବଂ ୧୯୭୧ ଫେବୃଆରୀ ୨୧ରେ ତିରୋଧାନ ଘଟିଥିଲା। ଆଚାର୍ଯ୍ୟ ହରିହର ଦାସ ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ମଧ୍ୟରେ ଶେଷ ଦୀପଶିଖା ଥିଲେ। ସେ ଏକାଧାରରେ ଜଣେ ବିପ୍ଳବୀ, ଜନସେବୀ ଓ ସାହିତ୍ୟସେବୀ ଥିଲେ। ତାଙ୍କର କର୍ମ ହିଁ ଥିଲା କାବ୍ୟ, ମାନବ ସେବା ହିଁ ଥିଲା ଭଗବତ୍ ସେବା। ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜନସେବାରେ ନିୟୋଜିତ ଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ସେ ଥିଲେ ସମ୍ପୂର୍ଣ୍ଣ ନିଷ୍ଠାପର, ନିଃସ୍ୱାର୍ଥପର ଓ ନିଷ୍କଳଙ୍କ ବ୍ୟକ୍ତିତ୍ୱ ବୋଲି ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଥିଲେ। ଆଚାର୍ଯ୍ୟ ଯୁବ ପରିଷଦ ସଭାପତି ଅଜିତ୍ ନନ୍ଦ, ସମ୍ପାଦକ ସୁବ୍ରତ ନନ୍ଦଙ୍କ ସହ ଆଶୁତୋଷ ତ୍ରିପାଠୀ, ଶ୍ରୀରାମ ନନ୍ଦ, ମାନସ ତ୍ରିପାଠୀ, ଜ୍ୟୋତି ପ୍ରକାଶ ତ୍ରିପାଠୀ, ପ୍ରମୋଦ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

## ଜାତୀୟ ପେନ୍‌ସନ୍ ପ୍ରଶିକ୍ଷଣ ଶିବିର

ପୁରୀ,୧୫।୨(ସମିସ): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୁରୀ ଜିଲ୍ଲାସ୍ତରୀୟ ଜାତୀୟ ପେନ୍‌ସନ ପ୍ରଶିକ୍ଷଣ ଶିବିର ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ତଥା କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ଭୁବନେଶ୍ୱରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା କୋଷାଗାର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଡିଡିଓ ଏବଂ ପେନ୍‌ସନ ଭୋକ୍ତାମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୋଷାଗାର ଅଧିକାରୀ ମନ୍ମଥ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଏଥିରେ କୋଷାଗାର ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ କିଶୋର କୁମାର ନାୟକ ଓ ଏନ୍‌ପିଏସ ସେଲର ବିଭୂଦତ୍ତ ଜେନା ଉପସ୍ଥିତ ରହି ଜାତୀୟ ପେନ୍‌ସନ ଯୋଜନା ଉପରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଫଳରେ ଜାତୀୟ ପେନ୍‌ସନ ଉପରେ ଥିବା ବିବିଧ ସନ୍ଦେହ ଦୂର ହୋଇପାରିଥିଲା। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସରକାରୀ କର୍ମଚାରୀଟି ନିଜର ବେତନ ଉପରେ ନିର୍ଭରଶୀଳ ଥିବାରୁ ଏଥିରେ ତାହାର ବିନିଯୋଗ ଓ ସଞ୍ଚୟ ସମ୍ପର୍କରେ ବିସ୍ତାରିତ ଭାବେ ଅବଗତ ହେବା ସମ୍ପର୍କରେ ମତ ରଖିଥିଲେ। କୋଷାଗାର ନିର୍ଦ୍ଦେଶାଳୟର ରିସୋର୍ସ ପର୍ସନମାନେ ଯୋଗଦେଇଥିଲେ। ଏଥିରେ ବ୍ଲକ୍, ତହସିଲ୍‌ଠାରୁ ଆରମ୍ଭ କରି ଜିଲ୍ଲାର ବିଭିନ୍ନ ବିଭାଗର ଡିଡିଓ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର ତଥା ଉପ କୋଷାଗାରମାନଙ୍କରେ ନୂତନ ଜାତୀୟ ପେନ୍‌ସନ ଉପରେ ସପ୍ତାହବ୍ୟାପୀ ସଚେତନତା ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କୋଷାଗାର ଅଧିକାରୀ ରଶ୍ମି ରଞ୍ଜନ ସେନାପତି, ଜୀବନଜ୍ୟୋତି ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ।

## ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କୁ ତାଲିମ

ପୁରୀ,୧୫।୨(ସମିସ): ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପୁରୀଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ପୁରୀ ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ୪୫ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ତାଲିମ ସହ ପରିଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରି ସମସ୍ତ କର୍ମକର୍ତ୍ତା ଆଇନ, ଗାଇଡ୍‌ଲାଇନ୍ ଆଧାରରେ ଶିଶୁମାନଙ୍କୁ ଉପଯୁକ୍ତ ସେବା ଯତ୍ନ ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ତଥା ତାଲିମଦାତା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହିତ ତାଲିମ୍ ପ୍ରଦାନ କରିଥିଲେ। ଶିଶୁରୋଗ ବିଶେଷଜ୍ଞ ଡା. ସୂର୍ଯ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନାରାୟଣ ପ୍ରସାଦ ନନ୍ଦ ପ୍ରାଥମିକ ଚିକିତ୍ସା ତଥା ଶିଶୁ ଯତ୍ନ ଅନୁଷ୍ଠାନରେ ସ୍ୱାସ୍ଥ୍ୟସେବା ଉପରେ ଆଲୋକପାତ କରିଥିଲେ। ଏଥିରେ କିଶୋର ନ୍ୟାୟ ଆଇନ, ପୋକ୍ସୋ ଆଇନ, ଶିଶୁ ସୁଲଭ ପରିବେଶ, ଅନୁଷ୍ଠାନରେ ପ୍ରବେଶଠାରୁ ପ୍ରସ୍ଥାନ ପର୍ଯ୍ୟନ୍ତ ଥିବା ବିଧିବ୍ୟବସ୍ଥା, କର୍ମଚାରୀଙ୍କ କର୍ତ୍ତବ୍ୟ, ମିଶନ ବାତ୍ସଲ୍ୟ ପୋର୍ଟାଲ, ସାମାଜିକ ଅନୁସନ୍ଧାନ ରିପୋର୍ଟ, ଅଣ ଆନୁଷ୍ଠାନିକ ଯତ୍ନ, ପରାମର୍ଶ ସେବା, ଆର୍ଥିକ ପରିଚାଳନା, ସମନ୍ୱୟ ଓ ସହଭାଗୀ ଯୋଜନାଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ବିଷୟ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଭାବରେ ସନ୍ତୋଷ କୁମାର ସାହୁ ଏଲ୍‌ପିଓ, ସ୍ନିଗ୍ଧାରାଣୀ ସାହୁ ପିଓ ଏନ୍‌ଆଇସି, ରୋଜାଲିନ୍ ପାତ୍ର ଓ ମିନାକ୍ଷୀ ବାରିକ ପରାମର୍ଶଦାତା, ରୁଧିସୁନ୍ଦର୍ ମିଶ୍ର ଅଧୀକ୍ଷକ, ବିଜୟ କୁମାର ପରିଡ଼ା, କମଳା ମହାରଣା, ହରେକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସମସ୍ତ ଅଂଶୀଦାର ଲୋକନାଥ ରୋଡ୍‌ସ୍ଥିତ ଖ୍ରୀଷ୍ଟଜ୍ୟୋତି ଆଶ୍ରମ ପରିଦର୍ଶନରେ ଯିବା ସହିତ ସେଠାକାର ସେବା ଯତ୍ନ ଶିକ୍ଷା ଲାଭ କରିଥିଲେ। ଅନ୍‌ଲାଇନ୍ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ମତାମତ ଦେବା ସହିତ ପରୀକ୍ଷା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ଅଂଶଗ୍ରହଣକାରୀଙ୍କ ମତାମତ ଶୁଣିଥିଲେ ଓ ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ମିଶନ ଶିଶୁ ସୁଲଭ ପରିବେଶ, ଶିଶୁ ଯତ୍ନ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ତାଲିମ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମଠସାହି ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

## ୧୫ ଛାତ୍ରଛାତ୍ରୀଙ୍କୁ 'ବୃକ୍ଷ ମିତ୍ର' ପୁରସ୍କାର

ପିପିଲି,୧୫।୨(ସମିସ)

ପିପିଲି ମଠସାହିସ୍ଥିତ ପଲ୍ଲବୀ ପବ୍ଲିକ୍ ସ୍କୁଲ୍‌ର ୮ମ ବାର୍ଷିକ ଉତ୍ସବ "ସଙ୍କଳ୍ପ" ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ସମ୍ପାଦକ ବିଶ୍ୱଜିତ୍ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରତିଭା ମହାରଥୀ ଯୋଗଦେଇ ବିଦ୍ୟାଳୟରେ ହେଉଥିବା ପିତାମାତା ପୂଜନ କାର୍ଯ୍ୟକ୍ରମକୁ ବହୁ ପ୍ରଶଂସା କରିଥିଲେ। ଶୃଙ୍ଖଳିତ ଶିକ୍ଷାଦାନ ସହ ସଂସ୍କାର ଶିକ୍ଷା ସର୍ବଦା ଉତ୍ତମ ଛାତ୍ର ଗଠନ କରିଥାଏ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ସିଏସ୍‌ଆଇଆର୍ ଅଧ୍ୟକ୍ଷ ଡ. ଉମାକାନ୍ତ ସୁବୁଦ୍ଧି, ଡ. ତପନ କୁମାର ଦାଶ, ଉତ୍କଳ ଶିକ୍ଷା ବିକାଶ ପରିଷଦ ସଭାପତି ମଙ୍ଗୁଳି ଚରଣ ମହାନ୍ତି, ସିଆର୍‌ସିସି ଅକ୍ଷୟ



କୁମାର ନାୟକ, ଆସାମ ରାଜ୍ୟର ଶିକ୍ଷାବିତ୍ ଜୟନ୍ତ କୁମାର ବର୍ମନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ବିଦ୍ୟାଳୟର ଶୃଙ୍ଖଳିତ ଶିକ୍ଷାଦାନକୁ ବହୁ ପ୍ରଶଂସା କରିଥିଲେ। ଏହି ଅବସରରେ ୧୫ ଜଣ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ମିତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସଭାପତି ଅଭିଷେକ ଆନନ୍ଦ ପରିଡ଼ା ଅତିଥି ପରିଚୟ ଦେଇଥିବାବେଳେ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜେନା ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ସେହିଭଳି ସନ୍ଧ୍ୟାରେ ପଲ୍ଲବୀ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ 'ସଙ୍କଳ୍ପ' ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ରମେଶ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ବିଦ୍ୟାଳୟ ପକ୍ଷରୁ ଅଞ୍ଚଳରେ କରାଯାଇଥିବା ୨୦୦ ବୃକ୍ଷରୋପଣ ଓ ବୃକ୍ଷ ମିତ୍ରମାନଙ୍କୁ ପ୍ରଶଂସା କରି ଛାତ୍ରଛାତ୍ରୀମାନଙ୍କୁ ବହୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ସରୋଜ କୁମାର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳିତ ଓ ନୈତିକ ଶିକ୍ଷାଦାନ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଶିଷ୍ଟ ଲେଖକ ତଥା ଆଇନଜୀବୀ ସୁବାସ ଚନ୍ଦ୍ର ପରିଡ଼ା, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଶିଷ୍ଟ ଲେଖକ ମାନସ ରଞ୍ଜନ ତ୍ରିପାଠୀ, ଆସାମ ରାଜ୍ୟର ଶିକ୍ଷାବିତ୍ ଜୟନ୍ତ କୁମାର ବର୍ମନ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନଙ୍କୁ ପଲ୍ଲବୀ କୃତୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ମୁଦୁଲି ଏବଂ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଲ୍ଲବୀ କୃତୀ କ୍ରୀଡ଼ା ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଜ୍ଞାନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଜେନା ସ୍ୱାଗତ ଭାଷଣ ଦେଇଥିବାବେଳେ ହେମନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ବିଶ୍ୱଜିତ୍ ରାୟ ଧନ୍ୟବାଦ ଦେଇଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ବାଜି ରାଉତ' ନାଟକ ସମସ୍ତଙ୍କ ମନମୁଗ୍ଧ କରିଥିବାବେଳେ ଛାତ୍ରଛାତ୍ରୀମାନଙ୍କ ନୃତ୍ୟରେ ଶତାଧିକ ଦର୍ଶକ ଓ ଅଭିଭାବକ ଝୁମିଥିଲେ।

୧୫/୨/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୩୫,୫୫୫/- ସୁନା:୦୫.୩୫୦ ଗ୍ରାମ୍ ରୁପା: ୩୧.୩୦୦ ଗ୍ରାମ୍



ଶ୍ରୀଲୋକନାଥ ପୀଠ

# ଉଜାଗର ରହି ଜାଗର ଜାଳିଲେ ଶ୍ରଦ୍ଧାଳୁ













## ରାତିର ଶେଷ ପ୍ରହରରେ ଉଠିଲା ମହାଦୀପ

ପୁରୀ,୧୫।୨(ସମିସ): ପବିତ୍ର ମହାଶିବରାତ୍ରୀ ଅବସରରେ ପୁରୀର ବିଭିନ୍ନ ଶୈବପୀଠରେ ସୃଷ୍ଟି ହୋଇଥିଲା ଭିନ୍ନ ଏକ ଭକ୍ତିମୟ ପରିବେଶ। ଶିବ ପଞ୍ଚାକ୍ଷର ମନ୍ତ୍ରରେ ଗୁଞ୍ଜରିତ ହୋଇଥିଲା ପୀଠ ପରିସର। ଘଣ୍ଟଘଣ୍ଟି, ହୁଳହୁଳି ଓ ଜୟ ଭୋଲେନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶ୍ରୀକ୍ଷେତ୍ର। ସକାଳୁ ସହରର ବିଭିନ୍ନ ଶିବ ମନ୍ଦିର ସମ୍ମୁଖରେ ଲାଗିଥିଲା ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି। ଦେବଦେବ ମହାଦେବଙ୍କୁ ପୂଜାର୍ଚ୍ଚନା ଏବଂ ଦର୍ଶନ ଲାଗି ସମସ୍ତେ ହୋଇଥିଲେ ମନ୍ଦିରମୁହାଁ। ସମସ୍ତଙ୍କ ତୁଣ୍ଡରେ ଥିଲା ଓଁ ନମଃ ଶିବାୟ...ଓଁ ନମଃ ଶିବାୟର ପବିତ୍ର ଧ୍ୱନି। ଦିନତମାମ ଦର୍ଶନ ପାଇଁ ଭିଡ଼ ଲାଗି ରହିଥିଲା। ସଞ୍ଜ ନଇଁବାକ୍ଷଣି ପୁରୀ ସହରର ଗଳିକନ୍ଦି ଆହୁରି ଚଳଚଞ୍ଚଳ ହୋଇପଡ଼ିଥିଲା। ଶ୍ରୀକ୍ଷେତ୍ରର ପଞ୍ଚ ମହାଦେବ (ଶ୍ରୀଲୋକନାଥ, ଶ୍ରୀନୀଳକଣ୍ଠେଶ୍ୱର, ଶ୍ରୀକପାଳମୋଚନ, ଶ୍ରୀମାର୍କଣ୍ଡେଶ୍ୱର ଓ ଶ୍ରୀଯମେଶ୍ୱର)ଙ୍କ ପୀଠରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ବାବା ବାଲିକପିଳେଶ୍ୱର, ଆଖଣ୍ଡଳମଣି, ଓଁକାରେଶ୍ୱର, ଶଙ୍କରେଶ୍ୱର, ଯୋଡ଼ାଲିଙ୍ଗ, ବେଲେଶ୍ୱର, କାଳନ୍ଦିଶ୍ୱର, ଉତ୍ତରେଶ୍ୱର, ଗରୁଡ଼େଶ୍ୱର ପ୍ରଭୃତି ଶୈବପୀଠରେ ଜାଗର ଜାଳିବା ପାଇଁ ବ୍ରତଧାରୀଙ୍କ ଗହଳି ହୋଇଥିଲା। ରାତି ଉଜାଗର ରହି ଜାଗର ଜାଳିଥିଲେ ଶ୍ରଦ୍ଧାଳୁ। ଅଧିକାଂଶ ମନ୍ଦିରରେ ରାତି ସାଢ଼େ ୧୨ଟା ମଧ୍ୟରେ ମହାଦୀପ ଉଠିଥିଲା। ତେବେ ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ମନ୍ଦିରରେ ରାତିର ଶେଷ ପ୍ରହରରେ ଉଠିଥିଲା ମହାଦୀପ। ଲକ୍ଷାଧିକ ଶ୍ରଦ୍ଧାଳୁ ଲୋକନାଥଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ପାଇଛନ୍ତି। ମହାଶିବରାତ୍ରୀ ପାଇଁ ଶନିବାର ରାତି ପ୍ରାୟ ୧୨ଟାରେ ଶ୍ରୀଲୋକନାଥ ମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ମଙ୍ଗଳ ଆଳତି, ଅବକାଶ ପୂଜା ସରି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଦର୍ଶନ ବନ୍ଦ କରାଯାଇ ଗୋପାଳବଲ୍ଲଭ, ସକାଳ ଧୂପ ଓ ମଧ୍ୟାହ୍ନ ଧୂପ ଭୋଗ କରାଯାଇଥିଲା। ଏହାପରେ ପୁଣି ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଦିନତମାମ ବ୍ୟାରିକେଡ୍‌ରେ ଯାଇ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କୁ ଦର୍ଶନ କରିଥିଲେ। ମହାଶିବରାତ୍ରିରେ ଲୋକନାଥଙ୍କୁ ଦର୍ଶନ କଲେ ରୋଗବ୍ୟାଧିରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ମାନସିକ ରଖିଥିବା ଭକ୍ତମାନେ ଲୋକନାଥଙ୍କ ନିକଟରେ ରୁପାରେ ରୂପ ଲାଗି କରିବା ସହିତ ଚୂଡ଼ାଘଷା ଭୋଗ କରିଥିଲେ। ଏଥିସହ କିଆ, କେତକୀ, ନାଗେଶ୍ୱର, ପଳାଶ ଆଦି ଫୁଲ ଲାଗି କରାଇଥିଲେ। ସନ୍ଧ୍ୟା ପରଠାରୁ ଦୀପ ଜାଳି ନିଷ୍ଠାର ସହ ଜାଗର ପାଳିଥିଲେ। ରାତି ପ୍ରାୟ ୧୨ଟାରେ ସର୍ବସାଧାରଣ ଦର୍ଶନ ବନ୍ଦ ରହି ଠାକୁରଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ପରଠାରୁ ଭକ୍ତିଭରା ଭଜନ ଶ୍ରଦ୍ଧାଳୁଙ୍କୁ ଭାବଭକ୍ତିରେ ଭିଜାଇ ଦେଇଥିଲା। ଅପରପକ୍ଷେ ଶ୍ରୀମନ୍ଦିରରେ ଠାକୁରଙ୍କ ଗୋପାଳବଲ୍ଲଭ ଭୋଗ ସରିବା ପରେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ନୂଆ ପାଟଲୁଗା ପ୍ରଭୃତି ବସନଭୂଷଣ ଲାଗି କରାଯାଇଥିଲା। ଲୋକନାଥଙ୍କ ସେବକମାନେ ଆସି ବିମାନରେ ଠାକୁରଙ୍କୁ ବିଜେ କରାଇ ଶ୍ରୀଲୋକନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ଶ୍ରୀନଅର ସମେତ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ଖାଇ ବିଳମ୍ବିତ ପ୍ରହରରେ ଶ୍ରୀଲୋକନାଥ ପୀଠରେ ପହଞ୍ଚିଥିଲେ। ଏହାପରେ ଠାକୁରଙ୍କ ନଟବର ମହାସ୍ନାନ ଏବଂ ନଟବର ଭୋଗ ବଢ଼ିଥିଲା। ପରେ ହରିହର ଭେଟ ହୋଇଥିଲା। ଏହି ନୀତି କେବଳ ମହାଶିବରାତ୍ରିରେ ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିରରେ ଥିବା ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ବଳଭଦ୍ରଙ୍କଠାରୁ ଆଜ୍ଞାମାଳ ନେଇ ହରିଙ୍କ ରୂପରେ ଆସି ଲୋକନାଥ (ହର)ଙ୍କ ସହିତ ଭେଟିଥା'ନ୍ତି। ତାହାକୁ ହରିହର ଭେଟ କୁହାଯାଇଥାଏ। ହରିହର ଭେଟ ପରେ ଘଣ୍ଟଛତା, ଭୋଗ ଏବଂ ରହଣି ଭୋଗ ହୋଇଥିଲା। ଏହାପରେ ଯାତ୍ରାଙ୍ଗୀ ଭୋଗ, ଚତୁର୍ଦ୍ଦଶୀ ଭୋଗ ଏବଂ ବଡ଼ସିଂହାର ଭୋଗ ସମ୍ପନ୍ନ ହୋଇଥିଲା। ରାତିର ଶେଷ ପ୍ରହରରେ ଠାକୁରଙ୍କ ମହାଦୀପ ଉଠିଥିଲା।

### ଶ୍ରୀଲୋକନାଥଙ୍କ ମସ୍ତକରେ କେତକୀ ଫୁଲ

ବର୍ଷକର ଏହି ଗୋଟିଏ ଦିନ ଅର୍ଥାତ୍ ମହାଶିବରାତ୍ରୀରେ ଭଗବାନ ଶଙ୍କରଙ୍କ ମସ୍ତକରେ କେତକୀ ଫୁଲ ଚଢ଼ାଯାଇଥାଏ। ଏ ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିରର ପୂଜକ ସନ୍ତୋଷ ପଣ୍ଡା କହିଛନ୍ତି, ମହାଶିବରାତ୍ରୀ ଦିନ ଯିଏ ଯେଉଁ ମାନସିକ ରଖି ଦେବଦେବ ମହାଦେବଙ୍କ ମସ୍ତକରେ କେତକୀ ଫୁଲ ଚଢ଼ାଏ ତାଙ୍କର ମାନସିକ ପୂରଣ ହୋଇଥାଏ। ଏହି ବିଶ୍ୱାସକୁ ନେଇ ଅନେକ ଶ୍ରଦ୍ଧାଳୁ ଶ୍ରୀଲୋକନାଥଙ୍କ ଶିରରେ କେତକୀ ଫୁଲ ଚଢ଼ାଇଛନ୍ତି।

## ଲୋକନାଥଙ୍କ ପୀଠରେ ସୂଚନା କେନ୍ଦ୍ର

ପୁରୀ,୧୫।୨(ସମିସ): ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଲୋକନାଥଙ୍କ ପୀଠରେ ରବିବାର ଜାଗର ଅବସରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଛି। ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସୂଚନା କେନ୍ଦ୍ର ବା ହଜିବା ଖୋଜିବା କେନ୍ଦ୍ର କରାଯାଇଥିଲା। ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା ସୂଚନା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଥିଲା। ଶ୍ରଦ୍ଧାଳୁମାନଙ୍କୁ ବିବିଧ ସତର୍କ ସୂଚନା ଯଥା ଶିଶୁ ଓ ବୟସ୍କମାନଙ୍କୁ ହାତଛଡ଼ା କରନ୍ତୁ ନାହିଁ, ଯଦି କିଏ ହଜିଯାଉଛନ୍ତି ତେବେ ହଜିବା ଓ ଖୋଜିବା କେନ୍ଦ୍ରକୁ ଆସନ୍ତୁ, ଗହଣା, ମୋବାଇଲ୍, ମନିପର୍ସ ପ୍ରତି ସତର୍କ ରୁହନ୍ତୁ ଇତ୍ୟାଦି ସୂଚନା ଦିଆଯାଇଥିଲା। ସେହିପରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ବହି ବିକ୍ରୟ କରାଯାଇଥିଲା।

## ବାଲୁକା କଳାରେ ଭଗବାନ ଶିବ



ପୁରୀ,୧୫।୨(ସମିସ): ପବିତ୍ର ମହାଶିବରାତ୍ରୀ ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ବାଲିଗୁଆଳିସ୍ଥିତ କପିଳେଶ୍ୱର ମନ୍ଦିର ସାମ୍ନାରେ ଭଗବାନ ଶିବଙ୍କ ବିଶାଳ ବାଲୁକା ମୂର୍ତ୍ତି ତିଆରି କରିଛନ୍ତି। ୬୦ ଟନ୍ ବାଲି ଓ ୧୦ ଘଣ୍ଟା ସମୟ ଲାଗିଥିବା ଏହି ବାଲୁକା କଳାର ଉଚ୍ଚତା ପ୍ରାୟ ୨୨ରୁ ୨୫ ଫୁଟ୍ ରହିଥିବାବେଳେ ଲମ୍ବ ୪୦ ଫୁଟ୍ ରହିଛି। ଏ ସମ୍ପର୍କରେ ଶିଳ୍ପୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି କଳାକୃତି ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଶକ୍ତିର ପ୍ରତୀକ ଅଟେ। ଭଗବାନ ଶିବ ସମସ୍ତଙ୍କ ଜୀବନରୁ ଅନ୍ଧକାର ଦୂର କରି ଆଲୋକରେ ଭରିଦିଅନ୍ତୁ ଏହା ହିଁ ମୋର ଏକ ନମ୍ର ନିବେଦନ। ତେବେ ଏହି କଳାକୃତି ବହୁ ସଂଖ୍ୟକ ଭକ୍ତ, ସ୍ଥାନୀୟ ଲୋକ ଓ ପର୍ଯ୍ୟଟକ ଦେଖି ବେଶ୍ ଖୁସିବ୍ୟକ୍ତ କରିଥିବା କହିଛନ୍ତି ସୁଦାମ।

## ହାପିନେସ୍ ଫାଉଣ୍ଡେସନର ସେବା ଶିବିର

ପୁରୀ,୧୫।୨(ସମିସ): ମହାଶିବରାତ୍ରୀ ଅବସରରେ ଶ୍ରୀଲୋକନାଥଙ୍କ ପୀଠରେ ହାପିନେସ୍ ଫାଉଣ୍ଡେସନ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଭୁଷି, ନାଣ୍ଡି ବଗୁଲି ଓ ମିଶ୍ରି ଆଦିରେ ପ୍ରସ୍ତୁତ ସର୍ବତ ବଣ୍ଟନ କରାଯାଇଛି। ଦୀର୍ଘ ସମୟ ଧରି ମନ୍ଦିର ଭିତରେ ଓ ବାହାରେ ଧାଡ଼ିରେ ଠିଆ ହୋଇଥିବା ଏବଂ ପ୍ରଭୁଙ୍କ ଦର୍ଶନ ସାରି ଫେରୁଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ତୃଷ୍ଣା ମେଣ୍ଟାଇବା ପାଇଁ ଏହି ବ୍ୟବସ୍ଥା କରାଯାଇଥିଲା। ସେହିପରି ଶ୍ରଦ୍ଧାଳୁଙ୍କୁ ଖରାରୁ ରକ୍ଷା ଦେବା ପାଇଁ ଅନୁଷ୍ଠାନ ତରଫରୁ ମେସିନ୍ ଯୋଗେ ଜଳ ସିଞ୍ଚନ ମଧ୍ୟ କରଯାଇଥିଲା। ମନ୍ଦିର ପରିସରରେ ସଫେଇ ସହିତ ପଡ଼ିଥିବା ପ୍ଲାଷ୍ଟିକ୍ ବୋତଲ ଓ



ଦୀପଗୁଡ଼ିକ ବାହାରକୁ କଢ଼ାଯାଇଥିଲା। ଏହି ସେବା ଶିବିରକୁ ଏସ୍‌ପି ପ୍ରତୀକ୍ ସିଂ, ବରିଷ୍ଠ ସେବାୟତ ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସଂଯୋଜକ ଟି. ମନୋଜ କୁମାର ପ୍ରଧାନ, ନରେଶ ଚନ୍ଦ୍ର ପାଲ୍, ସଂଯୋଜିକା ମାମିନା ପ୍ରଧାନ, ବିଷ୍ଣୁପ୍ରିୟା ସାହୁ, ଚିନ୍ମୟୀ ଲେଙ୍କା, ସଦସ୍ୟ ନଳିନୀକାନ୍ତ ମିଶ୍ର, ସୁଶାନ୍ତ ଜେନା, ସୁମନ୍ତ ଜେନା, ଦେବାଶିଷ ବେହେରା, ପ୍ରିତମ୍ ଦାସ, ବିକି ବିଶ୍ୱାଳ, ମନୋଜ ରାଉତ, ସଦସ୍ୟା ସୋନାଲି ସାହୁ, ରୋଜାଲିନ୍ ସାହୁ ପ୍ରମୁଖ ସାମିଲ୍ ଥିଲେ।

## ସ୍ୟାଣ୍ଡ ଆନିମେସନରେ ଭକ୍ତି ଓ ଶକ୍ତିର ଚିତ୍ରଣ

ପୁରୀ,୧୫।୨(ସମିସ): ମହାଶିବରାତ୍ରୀ ଅବସରରେ ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ତାଙ୍କ ଷ୍ଟୁଡିଓରେ ଏକ ମନୋରମ ଲାଇଭ୍ ବାଲୁକା ଆନିମେସନ୍ ପ୍ରସ୍ତୁତ କରିଥିଲେ। ଏଥିରେ ଭଗବାନ ଶିବଙ୍କ ଦିବ୍ୟ ସାରକୁ ସୁନ୍ଦର ଭାବରେ ଚିତ୍ରଣ କରିଥିଲେ। ପ୍ରବାହିତ ବାଲୁକା କଳା ମାଧ୍ୟମରେ ଧ୍ୟାନ, ଭକ୍ତି ଏବଂ ମହାଜାଗତିକ ଶକ୍ତିର ଶକ୍ତିଶାଳୀ ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କଳାକୃତି ଆଧ୍ୟାତ୍ମିକତା, ବିଶ୍ୱାସ ଏବଂ ଭାରତୀୟ ସଂସ୍କୃତିରେ




ମହାଶିବରାତ୍ରୀର ମହତ୍ତ୍ୱ ବିଷୟବସ୍ତୁକୁ ଉଜ୍ଜ୍ୱଳ କରିଥିଲା। ଏହି ଲାଇଭ୍ ସୃଷ୍ଟିକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ। ୧୫ ମିନିଟ୍‌ର ଏହି ପ୍ରଦର୍ଶନ ଭଗବାନ ଶିବଙ୍କ ପ୍ରତି ଭକ୍ତି ଏବଂ କଳାତ୍ମକ ଶ୍ରଦ୍ଧାର ପ୍ରତୀକ ଥିଲା ବୋଲି କହିଛନ୍ତି ବାଲୁକା ଶିଳ୍ପୀ ମାନସ।

## ସ୍କାଉଟ୍ସ, ଗାଇଡ୍ସଙ୍କ ସେବା ଶିବିର

ପୁରୀ,୧୫।୨(ସମିସ): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପୁରୀ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସଙ୍କ ଦ୍ୱାରା ଶ୍ରୀଲୋକନାଥ ଦେବଙ୍କ ଜାଗର ଯାତ୍ରା ଉପଲକ୍ଷେ ତ୍ରିଦିବସୀୟ ସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପୁରୀ ସହରାଞ୍ଚଳରେ ଥିବା ପ୍ରତ୍ୟେକ ବିଦ୍ୟାଳୟର ସ୍କାଉଟ୍ସ, ଗାଇଡ୍ସ, ରୋଭର ରେଞ୍ଜର ତଥା ସମସ୍ତ ସ୍କାଉଟ୍ ମାଷ୍ଟର ଓ ଗାଇଡ୍ ସହଯୋଗ କରିଥିଲେ। ଏହି ସେବା ଶିବିରକୁ ଜିଲ୍ଲା ଗାଇଡ୍ ସଂଗଠକ ମିନାକ୍ଷୀ ମିଶ୍ର, ବିଦ୍ୟାଧର ମିଶ୍ର, ଅରୁଣ ଭଟ୍ଟାଚାର୍ଯ୍ୟ, ନିରଞ୍ଜନ ପରିଡ଼ା, ଗୋବିନ୍ଦ ଚନ୍ଦ୍ର ସିଂ, କାବେରୀ ବିଶ୍ୱାଳ, ସସ୍ମିତା ରାଉତରାୟ, ବସନ୍ତ ବାରିକ, ପ୍ରକାଶ ଚନ୍ଦ୍ର ଦାଶ, ଭାଗ୍ୟଶ୍ରୀ ସେଠୀ, ରୋଭର ଲିଡର ରାଜେନ୍ଦ୍ର ନାରାୟଣ



ହରିଚନ୍ଦନ, ପ୍ରଶାନ୍ତ ମୁଦୁଲି, ସୂର୍ଯ୍ୟନାରାୟଣ ମହାପାତ୍ର, ରେଞ୍ଜର ଲିଡର ରେଖା ମାନସିଂହ, ଆରତି ମହାନ୍ତି ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିର ସୋମବାର ସକାଳ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲ୍ଲା ସ୍କାଉଟ୍ ସଂଗଠକ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

## ବସ୍ତି ପିଲାଙ୍କ ପାଇଁ ଐତିହ୍ୟ ଚିହ୍ନ କାର୍ଯ୍ୟକ୍ରମ 'ପଶୁପତି'

ପୁରୀ,୧୫।୨(ସମିସ): ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ ଦ ବେଲ୍ ଓ ଭାରତ ଯୋଗ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ପୁରୀ ସହର ତଳି ବସ୍ତି ଅଞ୍ଚଳ ପିଲାଙ୍କ ପାଇଁ ଜାଗର ଯାତ୍ରା ଉପଲକ୍ଷେ ପଶୁପକ୍ଷୀ ଐତିହ୍ୟ ଚିହ୍ନ କାର୍ଯ୍ୟକ୍ରମ 'ପଶୁପତି' ଅନୁଷ୍ଠିତ ହୋଇଯାଇଛି। ବଳିଆପଣ୍ଡାରେ ସାମାଜିକ ଅନୁଷ୍ଠାନ ଦ ବେଲ୍ ଦ୍ୱାରା ପରିଚାଳିତ ଏକଲବ୍ୟ ପାଠଶାଳାରେ ପଢୁଥିବା ୫୦ରୁ ଊର୍ଦ୍ଧ୍ୱ ବସ୍ତି ଅଞ୍ଚଳ ପିଲାଙ୍କୁ ନନ୍ଦନକାନନ ସହିତ ଧଉଳିଗିରି, ଖଣ୍ଡଗିରି ଓ ବିଭିନ୍ନ ଧର୍ମୀୟ ଐତିହ୍ୟସ୍ଥଳ ବୁଲାଇବାକୁ ନିଆଯାଇଥିଲା। ଜାଗର ଯାତ୍ରାରେ ମନ୍ଦିର ସଫେଇ, ଜଳ ଓ ପ୍ରସାଦ ବଣ୍ଟନ ବଦଳରେ ଆମେ ଭିନ୍ନ ଭାବରେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲୁ ବୋଲି କହିଛନ୍ତି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ। ଜାଗର ଯାତ୍ରା ଅବସରରେ ପିଲାଙ୍କ ମନରେ ଧର୍ମୀୟ ଓ ସାଂସ୍କୃତିକ ଭାବଧାରାକୁ ଉଜାଗର କରିବାକୁ ଏହି ବ୍ୟବସ୍ଥା କରିଛୁ ବୋଲି ଏକଲବ୍ୟ ପାଠଶାଳାର ପରିଚାଳକ ଉମେଶ ଦାସ କହିଛନ୍ତି। କାର୍ଯ୍ୟକ୍ରମକୁ କଲ୍ୟାଣୀ ସେଠୀ, ତୁଳସୀ ସ୍ୱାଇଁ, ରାଧିକା ଦାସ, ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଜାପାନରେ ନିଯୁକ୍ତି ପାଇଲେ ସିଏସ୍ ଏକାଡେମୀର ୫ ଛାତ୍ର


ସୌମ୍ୟରଞ୍ଜନ ପାଲ


ଦୀପକ କୁମାର ଜେନା


ଶରତ ଶବର


ଲୋକନାଥ ସେଠୀ


ଜି. କାର୍ତ୍ତିକ ରେଡ୍ଡୀ

ପୁରୀ, ୧୫।୨ (ସମିସ): ଜାପାନର ଆଇଟି କମ୍ପାନୀରେ ନିଯୁକ୍ତି ପାଇଛନ୍ତି ବାଲିଘାଇସ୍ଥିତ ଚନ୍ଦ୍ରଶେଖର (ସିଏସ୍) ଏକାଡେମୀର ୫ ଛାତ୍ର। ସେମାନେ ଆସନ୍ତା ୧୭ ତାରିଖରେ ଜାପାନ ଯାତ୍ରା କରିବେ। ଏହି ଛାତ୍ରମାନେ ଗତ ଦୁଇବର୍ଷ ଧରି ଜାପାନ ଭାଷା ଓ ଆଇଟି ପାଠ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିଲେ। ଏହାପରେ ସମ୍ପୃକ୍ତ ଛାତ୍ରମାନଙ୍କୁ ଜାପାନର ଏକ ଆଇଟି କମ୍ପାନୀରେ କାର୍ଯ୍ୟ କରିବା ଲାଗି ଚୟନ କରାଯାଇଛି। କୃତୀ ଛାତ୍ରମାନେ ହେଲେ ସୌମ୍ୟରଞ୍ଜନ ପାଲ, ଦୀପକ ଜେନା, ଶରତ ଶବର, ଲୋକନାଥ ସେଠୀ ଓ ଜି. କାର୍ତ୍ତିକ ରେଡ୍ଡୀ। ଏହାକୁ ନେଇ ଏକାଡେମୀରେ ଖୁସିର ଲହରୀ ଖେଳିଯାଇଛି। ଏକାଡେମୀର ଅଧ୍ୟକ୍ଷ ତଥା ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ୍ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ଏକାଡେମୀରେ ନର୍ସରୀଠାରୁ ଯୁକ୍ତ ଦୁଇ ବିଜ୍ଞାନ ପର୍ଯ୍ୟନ୍ତ ପିଲାଙ୍କୁ ସିବିଏସ୍‌ଇ ପାଠ୍ୟକ୍ରମ ସହ ମାଗଣାରେ ଜାପାନିଜ୍ ଭାଷା ଶିକ୍ଷାଦାନ କରାଯାଉଛି। ଗ୍ରାଜୁଏସନ ହାସଲ କରିଥିବା ଛାତ୍ରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆଇଟି ସହ ଜାପାନିଜ୍ ଭାଷା ଅଧ୍ୟୟନ କଲେ ସେମାନଙ୍କୁ ଜାପାନରେ ଚାକିରି ମିଳିବାର ବ୍ୟବସ୍ଥା ରହିଛି। ସମ୍ପୃକ୍ତ ୫ ଛାତ୍ରଙ୍କ କୃତିତ୍ୱ ଯୋଗୁଁ ଏକାଡେମୀ ଆଜି ଗର୍ବିତ। ପୁରୀ ସିଟି ବ୍ରାଣ୍ଡ ଆମ୍ବାସାଡର ତଥା ଜାପାନ ସରକାରଙ୍କ ତୋତରି ରାଜ୍ୟର ବାଣିଜ୍ୟ ପରାମର୍ଶଦାତା କୁନା ଦାଶ କୃତୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## କଫ୍ ସିରପ ସହ ଟାବ୍‌ଲେଟ ମିଶାଇ ବିକ୍ରି; ମହିଳା ଗିରଫ

ପୁରୀ,୧୫।୨(ସମିସ): ପାନ ଦୋକାନରେ କଫ୍ ସିରପ ସହ ଅଲ୍‌ପ୍ରାଜୋଲାମ୍ ଟାବ୍‌ଲେଟ ମିଶାଇ ବିକ୍ରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୁଲିସ ପାନ ଦୋକାନ କରିଥିବା ଜଣେ ମହିଳାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସର୍ବୋଦୟ ନଗରର ପ୍ରତିମା ଦାଶ (୫୭)। ସୂଚନା ଅନୁଯାୟୀ, କୁମ୍ଭାରପଡ଼ା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଘୋଡ଼ା ବଜାର ସରସ୍ୱତୀ ଶିଶୁ ମନ୍ଦିର ନିକଟ ଏକ ପାନ ଦୋକାନରେ ଜଣେ ମହିଳା ଏସ୍‌କଫ୍ ସିରପ ସହ ଅଲ୍‌ପ୍ରାଜୋଲାମ୍ ଟାବ୍‌ଲେଟ ମିଶାଇ ବେଆଇନ ଭାବେ ବିକ୍ରି କରୁଥିବା ସୂଚନା ପାଇଥିଲେ। ସଙ୍ଗେ ସଙ୍ଗେ ସେହି ଦୋକାନରେ ଚଢ଼ଉ କରି ସମ୍ପୃକ୍ତା ମହିଳାଙ୍କଠାରୁ ୧୦୦ ମି.ଲି.ର ଏସ୍‌କଫ୍ ସିରପ (କୋଡିନ୍ ଫସ୍‌ଫେଟ୍ ଓ କ୍ଲୋରୋଫେନିରାମିନ୍ ମାଲିଏଟ୍ ଯୁକ୍ତ) ଭର୍ତ୍ତି ଖୋଲା ବୋତଲ ସହିତ ୧୨ଟି ଷ୍ଟ୍ରିପ୍ ଅଲ୍‌ପ୍ରାଜୋଲାମ୍ ଟାବ୍‌ଲେଟ୍ (ପ୍ରତ୍ୟେକ ଷ୍ଟ୍ରିପ୍‌ରେ ୧୫ଟି ଟାବ୍‌ଲେଟ୍) ସହ ଏକ ଖୋଲା ଷ୍ଟ୍ରିପ୍ ଅଲ୍‌ପ୍ରାଜୋଲାମ୍ ଆଇପି ଜବତ କରିଥିଲେ। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ଦୀର୍ଘଦିନ ଧରି ସମ୍ପୃକ୍ତା ମହିଳା ଏସ୍‌କଫ୍ ସିରପ ସହ ଟାବ୍‌ଲେଟ୍ ମିଶାଇ ସାଧାରଣ ଲୋକଙ୍କୁ ଅଧିକ ଦାମ୍‌ରେ ବିକ୍ରି କରି ବେଆଇନ ଭାବେ ଟଙ୍କା ଅର୍ଜନ କରୁଥିଲେ। ସେହି ପାନ ଦୋକାନକୁ ସିଲ୍ କରାଯାଇ ତଦନ୍ତ ଚାଲିଥିବାବେଳେ ଅଭିଯୁକ୍ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ଲଡୁବାବାଙ୍କ ପୀଠରେ ସେବା କାର୍ଯ୍ୟକ୍ରମ



**ଶରଣକୁଳ,୧୫।୨(ସମିସ):** ଶରଣକୁଳ ଲଡୁବାବା ଶୈବପୀଠରେ ଶିବରାତ୍ରି ଉପଲକ୍ଷେ ଜୁନିଅର୍ ରେଡକ୍ରସ୍ ତରଫରୁ ପ୍ରାଥମିକ ଉପଚାର ସେବା ଏବଂ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଶରଣକୁଳ ନାରାୟଣ ହାଇସ୍କୁଲ ଓ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ନାରାୟଣ ହାଇସ୍କୁଲର କାଉନସେଲର୍ ଦାମୋଦର ସାହୁ ଏବଂ ସମସ୍ତ ଜୁନିଅର୍ ଏଥିରେ ସାମିଲ ହୋଇଥିଲେ। ଡିପିଇଓ ଅନିଲ କୁମାର ଦାଶ, ଜେଆରସିଓ ଘନଶ୍ୟାମ ରାଉତ ଏବଂ ପ୍ରଦ୍ୟୁମ୍ନ ନନ୍ଦ, ମାନସ ସାହୁଙ୍କ ସମେତ ଦେବରାଜ ସ୍ୱାଇଁ, ପରମାନନ୍ଦ ଦଳାଇ, ଗୋସ୍ୱାମୀ ଦାସ, ନିରଞ୍ଜନ ପ୍ରଧାନ, ରଞ୍ଜନ ନାୟକ, ଭଗବାନ ସାହୁ ପ୍ରମୁଖ ଜୁନିଅର୍ ରେଡକ୍ରସ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

## ମାତୃପିତୃ ପୂଜନ ଦିବସ ପାଳିତ

**ନୟାଗଡ଼,୧୫।୨(ସମିସ):** ପାଣିପୋଇଲା ସରସ୍ୱତୀ ଶିଶୁମନ୍ଦିରରେ ଶନିବାର ମାତୃପିତୃ ପୂଜନ ଦିବସ ପାଳିତ ହୋଇଛି। ବିଦ୍ୟାମନ୍ଦିର ସମ୍ପାଦକ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପବିତ୍ର ମୋହନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଭଲମଣିଷ ଭାବେ ଗଢ଼ି ତୋଳିବାରେ ପିତାମାତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ କଣ୍ଟାବଣିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଡୁକିଶୋର ପୃଷ୍ଟି ଯୋଗଦେଇଥିଲେ।

## ବିଏସ୍ଏଫ୍‌ରେ ଯୋଗଦେଲେ ଗଣିଆର ରୋଜାଲିନୀ



**ଗଣିଆ,୧୫।୨(ସମିସ):** ଗଣିଆ ଅଞ୍ଚଳର ପ୍ରଥମ ମହିଳା ବିଏସ୍ଏଫ୍ ଯବାନ ହେଲେ ରୋଜାଲିନୀ ବେହେରା। ନିଜ ଚେଷ୍ଟା ବଳରେ ଦେଶମାତୃକାର ସେବା ପାଇଁ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍)ରେ ଚୟନ ହୋଇ ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଗଣିଆ ଗ୍ରାମର ପରୀକ୍ଷିତ ବେହେରାଙ୍କ ଝିଅ ରୋଜାଲିନୀ। ମାତ୍ର ୨୨ ବର୍ଷ ବୟସରେ ରୋଜାଲିନୀ ଏହି ସଫଳତା ହାସଲ କରିଛନ୍ତି। ଗଣିଆ କଲେଜରେ ଯୁକ୍ତତିନି ପାଠ ପଢ଼ି ସାରିବା ପରେ ସେ ବିଏସ୍ଏଫ୍‌ରେ ଯୋଗଦେବାକୁ ଚେଷ୍ଟା ଜାରି ରଖିଥିଲେ। ତାଙ୍କର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆଜିର ଯୁବପିଢ଼ିଙ୍କ ପାଇଁ ସେ ବଡ଼ ପ୍ରେରଣା ସାଜିଛନ୍ତି। ବିଭିନ୍ନ ମହଲରୁ ତାଙ୍କ ପାଖକୁ ଶୁଭେଚ୍ଛା ଓ ପ୍ରଶଂସାର ସୁଅ ଛୁଟୁଛି। ଆଗାମୀ ଦିନରେ ସେ ନିଷ୍ଠାର ସହ ନିଜ କର୍ତ୍ତବ୍ୟ ପାଳନ କରି ଦେଶ ତଥା ରାଜ୍ୟର ନାଁ ରଖିବେ ବୋଲି କହିଛନ୍ତି। ଆସନ୍ତା ମାର୍ଚ୍ଚ ୯ରେ ସେ ପଞ୍ଜାବରେ କାର୍ଯ୍ୟରେ ଯୋଗଦେବେ ବୋଲି ତାଙ୍କ ପରିବାର ତରଫରୁ ଜଣାପଡ଼ିଛି।

## ହାପି ମେମୋରିଆଲ କ୍ରିକେଟ, ଫାଇନାଲରେ ଭାପୁର



**ଭାପୁର,୧୫।୨(ସମିସ):** ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଖେଳପଡ଼ିଆରେ ଚାଲିଥିବା ହାପି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ରବିବାର ଭାପୁର ଓ ତଳମାରଡ଼ା ଦଳ ମଧ୍ୟରେ ଖେଳାଯାଇଛି। ଭାପୁର ଦଳ ୪୦ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଭାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୯୩ ରନ ସଂଗ୍ରହ କରିଥିଲା। ଜବାବରେ ତଳମାରଡ଼ା ଦଳ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୩ ରନରେ ସୀମିତ ରହିଥିଲା। ବିଜୟୀ ଦଳର ରିଙ୍କୁରାଜ ନାୟକ ୨୭ ବଲରେ ବିସ୍ଫୋରକ ୫୭ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସିକୁନ ସାହୁ ଓ ପ୍ରୀତିବଲ୍ଲଭ ସାହୁ ଖେଳ ପରିଚାଳନା କରିଥିଲେ। ବାଦଲ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ତପନ ସାହୁ ଓ ଯତୀନ ଗୁମାନସିଂହ ସ୍କୋର୍ ସିଟ୍ ପରିଚାଳନା କରିଥିଲେ। ଅତିଥି ଭାବେ ଅଶୋକ ସାହୁ ଓ ବାରହାନିଧି ନାୟକ ଯୋଗଦେଇଥିଲେ। ସୋମବାର ଫାଇନାଲରେ ଭାପୁର ଓ କଣ୍ଟିଲୋ ଦଳ ପରସ୍ପରକୁ ଭେଟିବେ।

# ମହାଶିବରାତ୍ରି: ଲଡୁବାବାଙ୍କ ପୀଠରେ ଲକ୍ଷାଧିକ ଭକ୍ତ

**ଶରଣକୁଳ,୧୫।୨(ସମିସ)**

ଓଡ଼ିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ପୀଠରେ ରବିବାର ପବିତ୍ର ମହାଶିବରାତ୍ରି ଜାଗର ଯାତ୍ରା ପାଳନ କରାଯାଇଛି। ସକାଳୁ ମନ୍ଦିରରେ ଲକ୍ଷାଧିକ ଭକ୍ତ ବାବାଙ୍କୁ ଦର୍ଶନ କରିଥିବା ବେଳେ ସନ୍ଧ୍ୟାରେ ମନ୍ଦିର ପରିସର ଏବଂ ଚତୁଃପାର୍ଶ୍ୱରେ ଦୀପ ଜାଳିଥିଲେ। ରାତି ୯ଟା ପର୍ଯ୍ୟନ୍ତ ଗହଳି ଲାଗିରହିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ନୟାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାର, ଦେବୋତ୍ତର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଥାନା ଅଧିକାରୀ ସୁଜିତ କୁମାର ଦାସ, ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ପ୍ରମୁଖ ଉପସ୍ଥିତ ରହି ତଦାରଖ କରିଥିଲେ। ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ବାଚସ୍ପତି ସୁରମା ପାଢ଼ୀ, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ଠାକୁରଙ୍କୁ ଦର୍ଶନ କରି ସମସ୍ତଙ୍କ ଶୁଭକାମନା କରିଥିଲେ।

ଶନିବାର ରାତି ୧୨ଟା ପରେ ମନ୍ଦିର ଖୋଲାଯାଇ ଭୋର ୪ଟା ମଧ୍ୟରେ ଠାକୁରଙ୍କ ଅବକାଶ ନୀତି ସହ ସମସ୍ତ ପୂଜାନୀତି ସମାପନ କରାଯାଇ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ଚାଲିଥିଲା। ପରେ ମାତ୍ର ୧ ଘଣ୍ଟା ମଧ୍ୟରେ ସନ୍ଧ୍ୟାନୀତି ସମ୍ପନ୍ନ କରାଯାଇ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲା ରହିଥିଲା। ପରେ ବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ଦକ୍ଷିଣ ଦ୍ୱାର ଦେଇ ବାହାରି ଏକ ସୁସଜ୍ଜିତ ବିମାନରେ ଉପବେଶନ କରି ଛତି, ତ୍ରାସ, ଘଣ୍ଟ, କାହାଳି, ହରିବୋଲ, ହୁଳହୁଳି ଧ୍ୱନିରେ ବେଢ଼ା ପରିକ୍ରମା କରିଥିଲେ। ରାତି ୧୨ଟା ପୂର୍ବରୁ ମହାଦୀପ ଉଠିଥିଲା। ପରମ୍ପରା ଅନୁଯାୟୀ ଠାକୁର ତିନିଘେରା ବେଢ଼ା ପରିକ୍ରମା କରିଥିବା ବେଳେ ତିନି ମହାଦୀପ ଉଠିଥିଲା।



ଭକ୍ତମାନେ ମନ୍ଦିର ସିଂହଦ୍ୱାର ଦେଇ ବେଢ଼ା ଭିତରକୁ ପ୍ରବେଶ କରି ମହନ ଓ ଘଣ୍ଟ ଦ୍ୱାର ଦେଇ ଠାକୁରଙ୍କୁ ଦର୍ଶନ କରି ଦକ୍ଷିଣ ଦ୍ୱାର ଦେଇ ବେଢ଼ାକୁ ବାହାରିବା ପରେ ହାତୀ ଦ୍ୱାର ଦେଇ ମନ୍ଦିର ବାହାରକୁ ଶୃଙ୍ଖଳିତ ଭାବେ ପ୍ରସ୍ଥାନ କରିଥିଲେ। ଭକ୍ତଙ୍କ ପ୍ରବଳ ସମାଗମ ହୋଇଥିବାରୁ ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ମନ୍ଦିର କର୍ମଚାରୀ, ଶରଣକୁଳ ମହାବିଦ୍ୟାଳୟ, ନୟାଗଡ଼ ସତ୍ୟସାଇ ପରିବାରର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ। ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଓଡ଼ଗାଁ ଅଗ୍ନିଶମ ବିଭାଗ, ଶୈବ ସେବାୟତ ସଙ୍ଘ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇ ଦିଆଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶୈବ ସେବାୟତ ସଙ୍ଘ ପକ୍ଷରୁ ସୂଚନା କେନ୍ଦ୍ର ଖୋଲାଯାଇ ଠାକୁରଙ୍କ ମହିମା ସହ ଜାଗର ଯାତ୍ରା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ଲୋକପ୍ରିୟ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଶରଣକୁଳ ବନ୍ଦନା ଆର୍ଟ ଆଣ୍ଡ ମ୍ୟୁଜିକ୍ ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

## ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ: ୪ ବର୍ଷ ପରେ ବି କାର୍ଯ୍ୟକ୍ଷମ ହେଲାନି ଆଇସିୟୁ

**ନୟାଗଡ଼,୧୫।୨(ସମିସ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିଭୂମି ସୁଦୃଢ଼ୀକରଣ ପାଇଁ ଅନେକ ଅନୁଦାନ ଯୋଗାଇ ଦେଇଥିଲେ। ମାତୃ ଶିଶୁ କୋଠା, ଶହେ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଗୃହ, କର୍ମଚାରୀଙ୍କ କ୍ୱାର୍ଟର୍ସ, ରୋଗୀ ଆଶ୍ରୟସ୍ଥଳଠାରୁ ଆରମ୍ଭ କରି ଅନେକ କାର୍ଯ୍ୟ କରାଯାଇଛି। ମାତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅପରାଗ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ରୋଗୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇପାରୁନାହାନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪ବର୍ଷ ତଳୁ ୬ ଶଯ୍ୟା ବିଶିଷ୍ଟ ଆଇସିୟୁ ନିର୍ମାଣ କରାଯାଇଥିବା ବେଳେ ତାହା କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।




୨୦୨୧ ଜୁନ ୧୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନୂତନ କୋଠା ଉଦଘାଟିତ ହୋଇଥିଲା। ଇତିମଧ୍ୟରେ ୪ବର୍ଷ ବିତିଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଚିକିତ୍ସାଳୟରେ ନିର୍ମାଣ କରାଯାଇଥିବା ଶହେ ଶଯ୍ୟା ବିଶିଷ୍ଟ କୋଠାର ୫ ମହଲାରେ ଆଇସିୟୁ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଇଥିଲା। ଉକ୍ତ କୋଠରିରେ ଆଜିପର୍ଯ୍ୟନ୍ତ ଆଇସିୟୁ ସରଞ୍ଜାମ ଲଗାଯାଇ ନ ଥିବା ବେଳେ ତାହା ଅନ୍ଧକାର ଅବସ୍ଥାରେ ପଡ଼ିରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭଗବାନଙ୍କ ଭରସାରେ ରୋଗୀ ସେବା ଚାଲୁ ରହିଛି। କିଛି ଡାକ୍ତର ନିୟମିତ ରୋଗୀ ସେବା ଯୋଗାଉଥିବା ବେଳେ କିଛି ବେପରୁଆ ଭାବେ କାମଚଳା ଡ୍ୟୁଟି କରି ଘରୋଇ କ୍ଲିନିକକୁ ଗୁରୁତ୍ୱ ଦେଉଛନ୍ତି। ବର୍ଷ ବର୍ଷ ଧରି ଆସ୍ଥାନ ଜମାଇ ବସିଥିବା କିଛି ଡାକ୍ତରଙ୍କୁ ମାତ୍ରାଧିକ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ କର୍ମଚାରୀ ଓ ଡାକ୍ତରଙ୍କ ମହଲରେ ମଧ୍ୟ ବ୍ୟାପକ ଅସନ୍ତୋଷ ଦେଖିବାକୁ ମିଳିଛି। ସରକାର ପରିବର୍ତ୍ତନ ହେବା ଭଳି ସ୍ୱାସ୍ଥ୍ୟସେବାର ମଧ୍ୟ ପରିବର୍ତ୍ତନ ଆସିବା ଦରକାର ବୋଲି ରୋଗୀ ଓ ସମ୍ପର୍କୀୟମାନେ ମତ ଦେଉଛନ୍ତି।

## ୭ ବର୍ଷ ପରେ ବି ନିଖୋଜ ରମେଶଙ୍କ ପତ୍ତା ନାହିଁ

**ନୟାଗଡ଼,୧୫।୨(ସମିସ):** ନୟାଗଡ଼ ସଦରଥାନା ମାଳିସାହି ଗ୍ରାମର ରମେଶ ଚନ୍ଦ୍ର ପେଣ୍ଟୋଇ ନିଖୋଜ ଘଟଣାକୁ ୭ ବର୍ଷ ବିତିଲାଣି। ଏହା ମଧ୍ୟରେ ବାରମ୍ବାର ଥାନାକୁ ଦୌଡ଼ି ନିରାଶ ହୋଇଥିବା ପରିବାର ଏବେ ଭଗବାନଙ୍କ ଭରସାରେ କାଳାତିପାତ କରୁଛନ୍ତି। ମାଳିସାହି ଗ୍ରାମର କୈଳାସ ପେଣ୍ଟୋଇଙ୍କ ପୁଅ ରମେଶ +୨ ଅଧ୍ୟୟନ କରିଥିଲେ। ବାପା, ମା'ଙ୍କ ଏକମାତ୍ର ରୋଜଗାରିଆ ପୁଅ ରମେଶ ନୟାଗଡ଼ର ଏକ ସୋ'ରୁମ୍‌ରେ ସେଲ୍ସମ୍ୟାନ ରୂପେ କାର୍ଯ୍ୟ କରୁଥିଲେ। ୨୦୧୯ ସେପ୍ଟେମ୍ବରରେ ହଠାତ୍ ସେ ଘରୁ କୁଆଡ଼େ ଚାଲି ଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବି ତାଙ୍କ ସନ୍ଧାନ ମିଳି ନ ଥିଲା। ହଠାତ ଦିନେ ରମେଶ ଭୁବନେଶ୍ୱରରେ ଥିବା ଫୋନ୍ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆଉ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ପରିବାର ଲୋକ ଏ ନେଇ ୨୦୧୯ ସେପ୍ଟେମ୍ବର ୨୪ରେ ଥାନାରେ ଅଭିଯୋଗ କରିଥିଲେ। ପୁଣି ୨୫ ତାରିଖ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ସଦରଥାନାକୁ ପରିବାର ଲୋକେ ବାରମ୍ବାର ଦୌଡ଼ିବା ପରେ ବି ପୁଲିସ କୌଣସି ପଦକ୍ଷେପ ନେଇ ନ ଥିଲା। ଫଳରେ ବାପା ମାଆ ନିରାଶ ହୋଇ ପୁଲିସ ଉପରୁ ଆସ୍ଥା ତୁଟାଇ ଏବେ ଭଗବାନଙ୍କ ଭରସାରେ ରହିଛନ୍ତି। ପ୍ରତ୍ୟେକ ଦିନ ମନ୍ଦିର ଯାଇ ବାପା ଓ ମାଆ ପୁଅକୁ ଫେରାଇ ଆଣିବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରୁଛନ୍ତି। ୭ ବର୍ଷ ପରେ ମଧ୍ୟ ରମେଶଙ୍କ ସନ୍ଧାନ ନ ମିଳିବା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।


ପୁଲିସ ଉପରୁ ଆସ୍ଥା ହରାଇଛନ୍ତି ପରିବାର

## ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନାଁରେ ଥାନାରେ ଏତଲା

**ଗଣିଆ,୧୫।୨(ସମିସ):** ସ୍କୁଲ ଶିକ୍ଷୟିତ୍ରୀଙ୍କ ଜାତିଆଣ ମନୋଭାବ ପାଇଁ ଚାଲିଗଲା ୫ମ ଶ୍ରେଣୀ ଛାତ୍ରର ଜୀବନ। ଛୋଟ ଜାତି ବୋଲି ଗଣିଆ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଛାତ୍ର ଭୋଳାନାଥ ମଲ୍ଲିକଙ୍କୁ ପାଇଖାନା ବାରଣ କଲେ। ଫଳରେ ସ୍କୁଲ ଚାଲୁଥିବା ସମୟରେ ଭୋଳାନାଥ ଶୌଚ ପାଇଁ ବାହାରକୁ ଯାଇଥିଲା ହେଲେ ଗୋଡ଼ ଖସିଯିବାରୁ ଗଡ଼ିଆରେ ବୁଡ଼ି ତାଙ୍କ ମୃତ୍ୟୁ ହୋଇଥିବା ନେଇ ଗଣିଆ ଥାନା ପୁଲିସର ପ୍ରାଥମିକ ତଦନ୍ତ ରିପୋର୍ଟ ଆସିଛି। ଏ ଘଟଣା ସାମ୍ନାକୁ ଆସିଲା ପରେ ଆମ୍ବେଦକର ଜନତା ପାର୍ଟି ଏବଂ ଭୀମ ଆର୍ମି ପକ୍ଷରୁ ମିଳିତ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ, ଗଣିଆ ବ୍ଲକ ଶିକ୍ଷା ଅଧିକାରୀ ଏବଂ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ବ୍ଲକ ଶିକ୍ଷା ଅଧିକାରୀ ଲିପ୍ସା ନନ୍ଦ, ସ୍କୁଲ ଶିକ୍ଷୟିତ୍ରୀ ଶୈଳବାଳା ସାହୁ ଏବଂ ମନୀଷା ଦଳବେହେରାଙ୍କୁ ଗିରଫ ଦାବିରେ ନୟାଗଡ଼ ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛି ଆମ୍ବେଦକର ଜନତା ପାର୍ଟି ଏବଂ ଭୀମ ଆର୍ମି। ପୀଡ଼ିତ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଆମ୍ବେଦକର ଜନତା ପାର୍ଟିର ରାଜ୍ୟ ସଭାପତି କାହ୍ନୁଚରଣ ନାୟକ ଏବଂ ଭୀମ ଆର୍ମିର ସର୍ବେଶ୍ୱର ନାୟକ, ସୁନୀଲ ନାୟକ, ଦୀପକ ଭୋଇ ଏବଂ ରବି ନାୟକ।



## ଇଟାମାଟି କଲେଜର ବାର୍ଷିକ ଉତ୍ସବ



**ନୟାଗଡ଼,୧୫।୨(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଅଧ୍ୟକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଜିଲ୍ଲାପାଳ ମଧୁମିତା ରଥ, ପ୍ରଫେସର ପ୍ରତିଭା ମହାରଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଶୈକ୍ଷିକ ଭିତ୍ତିଭୂମି ଯଥା କ୍ୟାଣ୍ଟିନ୍, କ୍ଲାସରୁମ୍, ଆଇଟି ଓ ରସାୟନ ବିଜ୍ଞାନ ପରୀକ୍ଷାଗାର, ଗଣେଶ ମନ୍ଦିର ଓ ସାଇକଲ ଷ୍ଟାଣ୍ଡ ପ୍ରଭୃତି ଉଦଘାଟନ କରାଯାଇଥିଲା। ଜୀବନରେ ସତ କହିବାର ସାମର୍ଥ୍ୟ ଓ ସାହାସ ରଖିବା, ଗୁରୁଜନମାନଙ୍କୁ ସମ୍ମାନ ସହ ଦେଶମାତୃକା ପ୍ରତି ସମର୍ପିତ ହେବାକୁ ବିଧାୟକ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ ଧୈର୍ଯ୍ୟର ପ୍ରଶଂସା କରିବା ସହ ଜୀବନରେ ଆଗକୁ ଯିବାକୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀ ନିଜ ମଧ୍ୟରେ ସକାରାତ୍ମକ ମନୋଭାବ ଓ ଆତ୍ମବିଶ୍ୱାସ ସୃଷ୍ଟି କରିବା ପାଇଁ ପ୍ରଫେସର ମହାରଥି କହିଥିଲେ। ଅଧ୍ୟାପକ ଅଭୟ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ପାଳିତ



**ଗଣିଆ,୧୫।୨(ସମିସ):** ଦେବଦେବ ମହାଦେବଙ୍କ ଜାଗର ଯାତ୍ରା ନୟାଗଡ଼ ଜିଲ୍ଲାର ବିଭିନ୍ନ ଶୈବପୀଠରେ ପାଳିତ ହୋଇଛି। ଗଣିଆ ବ୍ଲକ ରାଉତପଡ଼ା, ଗୁପ୍ତେଶ୍ୱର, ଉଙ୍କାରିସାହି, ଗଣିଆ, ପତଣ୍ଡା, ଇନ୍ଦିପଟାସ୍ଥିତ ଶିବ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଗୁପ୍ତେଶ୍ୱର ମହାଦେବଙ୍କ ପୀଠରେ ଅୟନ ଫାଉଣ୍ଡେସନ ତରଫରୁ ଷଷ୍ଠ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ରାତି ୧୧ଟାରେ ମହାଦୀପ ଉଠିଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ। ଅୟନ ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ପଙ୍କଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରାଉତପଡ଼ା ଓ ଗଣିଆ ଶିବ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ମହାଦୀପ ଉଠିବା ସମୟରେ ହରିବୋଲ ହୁଳହୁଳି ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

**ଭାପୁର:** ଜାଗରଯାତ୍ରା ପାଇଁ ଭାପୁର ବ୍ଲକ ଅଞ୍ଚଳର ସମସ୍ତ ଶୈବପୀଠ ଆଜି ଚଳଚଞ୍ଚଳ ହୋଇଉଠିଥିଲା। ପ୍ରସିଦ୍ଧ ଶୈବପୀଠ ଖୁଣ୍ଟୁପଡ଼ା ରାମେଶ୍ୱର, ଭାପୁର ବାଲୁଙ୍କେଶ୍ୱର, ମାଳିବେରେଣୀ ଆଳେଶ୍ୱର, ବାଘୁଆପଲ୍ଲି ଆଖଣ୍ଡଳମଣି, ଖଇରଗାଡ଼ିଆ ବାଲୁଙ୍କେଶ୍ୱରଙ୍କ ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାଦୀପ ଉଠିବା ପର୍ଯ୍ୟନ୍ତ ଦୀପ ଜାଳି ମନ୍ଦିର ପରିସରରେ ବସିରହିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଥାନା ପକ୍ଷରୁ ପୁଲିସ ମୁତୟନ ହୋଇଥିଲେ।

**ଖଣ୍ଡପଡ଼ା:** ଖଣ୍ଡପଡ଼ା ସହର ସମେତ ସମସ୍ତ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସହରର ପ୍ରଭୁ ନୀଳକଣ୍ଠେଶ୍ୱର, ବନ୍ଧବିମଳେଶ୍ୱର, ଖଳିସାହି ନୀଳକଣ୍ଠେଶ୍ୱର, କଣ୍ଟିଲୋ ସିଦ୍ଧେଶ୍ୱର, ସିଧାମୂଳା ଆଖଣ୍ଡଳମଣି, ବୋଦସା ବାଲୁଙ୍କେଶ୍ୱର, ବାଘୁଆପଲ୍ଲୀ ବାବା ଆଖଣ୍ଡଳମଣି, ବନମାଳୀପୁର ସୋମନାଥ ଦେବ, ବୋଦସା ବାଲୁଙ୍କେଶ୍ୱର, ବାହାଡ଼ା ଲୋକନାଥ ଦେବଙ୍କ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଶତାଧିକ ମହିଳା ଏବଂ ପୁରୁଷ ମନ୍ଦିର ବେଢ଼ାରେ ଦୀପ ପ୍ରଜ୍ୱଳନ କରିଥିଲେ। ବିଳମ୍ବିତ ରାତିରେ ମହାଦୀପ ଉଠିଥିଲା।



**ଓଡ଼ଗାଁ:** ଓଡ଼ଗାଁ ବ୍ଲକ ଜାମୁପାଟଣାସ୍ଥିତ ଶୂଳିଆ ପାହାଡ଼ ପାଦଦେଶରେ ବିରାଜିତ ଶ୍ରୀଶୂଳପାଣି ବାବା ଦୂତୀକେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରି ଉପଲକ୍ଷେ ଭକ୍ତିମୟ ପରିବେଶରେ ୨୯ତମ ସାମୂହିକ ପ୍ରଦୀପ ପ୍ରଜ୍ୱଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ମଶାବାରୀ ଗାୟତ୍ରୀ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଆଡିସନାଲ ତହସିଲଦାର ଜି. ଶ୍ରୀନୁ, ଥାନା ଆଇଆଇସି ସତ୍ୟନାରାୟଣ ବାରିକ, ଏନ୍ଏସି ଯନ୍ତ୍ରୀ ସତ୍ୟନାରାୟଣ ସାହୁ ଏବଂ ମନ୍ଦିର ପରିଚାଳନା କମିଟି ଉପସଭାପତି ପ୍ରଫୁଲ୍ଲ କୁମାର ମାଝି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଗାୟତ୍ରୀ ବିଦ୍ୟାମନ୍ଦିର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ସାହୁ ଓ ପ୍ରତିଷ୍ଠାତା ଅଶୋକ କୁମାର ମହାପାତ୍ର ସହଯୋଗ କରିଥିଲେ। ପ୍ରାୟ ୩୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାତି ୧୧ଟାରେ ମହାଦୀପ ଉଠିଥିଲା। ପରେ ପ୍ରଭୁଙ୍କ ଚଳନ୍ତି ପ୍ରତିମା ବିମାନରେ ବିଜେ କରି ବେଢ଼ା ପରିକ୍ରମା କରିଥିଲେ। ସେହିପରି ଓଡ଼ଗାଁ ରଘୁନାଥଜିଉଙ୍କ ମନ୍ଦିର, ରାମସାଗର ପୁଷ୍କରିଣୀ କୂଳରେ ରାମେଶ୍ୱର ମହାଦେବଙ୍କ ସହ ଅଞ୍ଚଳର ସମସ୍ତ ମନ୍ଦିରରେ ଜାଗର ଜାଳି ଭକ୍ତମାନେ ମାନସିକ ପୂରଣ କରିଥିଲେ।





**କଣ୍ଟିଲୋ:** ପବିତ୍ର ଜାଗର ଉପଲକ୍ଷେ ନୀଳମାଧବ ମନ୍ଦିର ପରିସରରେ ଅଧିଷ୍ଠିତ ସିଦ୍ଧେଶ୍ୱର ମହାଦେବ ପୀଠ ସମେତ କୃଷ୍ଣେଶ୍ୱର, ବଟେଶ୍ୱର, ନିକଟସ୍ଥ ନାରାୟଣୀ ପୀଠର ସ୍ୱପ୍ନେଶ୍ୱର ପୀଠ ତଥା ବଡ଼ବାଣପୁର ବାଲୁଙ୍କେଶ୍ୱର, ଚୈତନପୁର ଆନନ୍ଦେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ମହିଳା ପୁରୁଷମାନେ ପୀଠରେ ଦୀପ ପ୍ରଜ୍ୱଳନ କରିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ମହାଦୀପ ଉଠିଥିଲା। ଓଁ ନମଃ ଶିବାୟ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା।



# ରହି ଉଜାଗର ପୂଜିଲେ ହର

## ଜିଲ୍ଲାବ୍ୟାପୀ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼






ଖୋର୍ଦ୍ଧା, ୧୫।୨(ସମିସ)

ପବିତ୍ର ମହା ଶିବରାତ୍ରି ତଥା ଜାଗର ଅବସରରେ ଜିଲ୍ଲାବ୍ୟାପି ଶୈବପୀଠ ଗୁଡ଼ିକ ଦେଖାଯାଇଛି ଚଳଚଞ୍ଚଳ। ଝିଲିମିଲି ଆଲୋକମାଳାରେ ଶୈବ୍ୟପୀଠ ଗୁଡ଼ିକ ଝଲସୁଥିବାବେଳେ ସନ୍ଧ୍ୟାରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଓଁ କାରାୟ ନମୋନମଃ ଶବ୍ଦରେ ଶୈବପୀଠ ଗୁଡ଼ିକ କମ୍ପମାନ ହେଉଥିବା ଦେଖାଯାଇଛି। ଗୁରୁଜଙ୍ଗ ସ୍ଥିତ ଧବଳେଶ୍ୱର ପୀଠରେ ପାଖା ପାଖି ୧୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ଜାଗର ଅବସରରେ ହୋଇଥିବାବେଳେ ବାଘମାରୀ ଅଟ୍ରୀ ସ୍ଥିତ ବାବା ହଟକେଶ୍ୱର, ବେଗୁନିଆ ଗୋଡ଼ାଲୋକନାଥ, ଖୋର୍ଦ୍ଧା ପଲ୍ଲାସ୍ଥିତ ଲୋକଶ୍ୱେର, ଜରିପୁଟସ୍ଥିତ ବାଲୁଙ୍କେଶ୍ୱର, ଲୋକନାଥ, ସ୍ୱପ୍ନେଶ୍ୱର, ସିଦ୍ଧେଶ୍ୱର, ଟି.ଏଲ.ସି ସ୍ଥିତ ତାରକେଶ୍ୱର, ଶ୍ରୀରାମ ନଗର ଦକ୍ଷେଶ୍ୱର, କୁମାରବସ୍ତସ୍ଥିତ ଲୋକନାଥ ଦେବ, ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ରାମ ମନ୍ଦିରସ୍ଥିତ ଚନ୍ଦ୍ରଶେଖର ଦେବ, ପାଣ୍ଡବପାଟଣା ନୀଳକଣ୍ଠେଶ୍ୱର ଦେବ, ଡ଼ିଆ କପିଳେଶ୍ୱର ଦେବ, ଲେଣ୍ଟୁ ସିଦ୍ଧେଶ୍ୱର ଦେବ, ସିକୋର ଚନ୍ଦ୍ରଶେଖର ଦେବ ପ୍ରମୁଖ ଶୈବ୍ୟ ପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଶିବଙ୍କ ଆରାଧନା କରୁଥିବା ଦେଖିବାକୁ ମିଳିଛି।

ଭୋରୁ ମନ୍ଦିର ପହଡ଼ ଖୋଲିବା ପରେ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, ଅବକାଶ ନୀତି, ମହାସ୍ନାନ, ସୂର୍ଯ୍ୟପୂଜା ଏବଂ ପ୍ରଭୁଙ୍କ ସାହାଣମେଲା ଦର୍ଶନ ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଥିଲା।ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଏବଂ ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଟ୍ରଷ୍ଟି ଏବଂ ପୁଲିସ ତରଫରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୀଠ ଗୁଡ଼ିକରେ ମହାଦେବଙ୍କ ଶ୍ରୀଜୀଉବେଶ, ମାଜଣା, ହରିହରଭେଟ, ବଡ଼ସିଂହାର ନୀତିକାନ୍ତି ସମ୍ପୂର୍ଣ୍ଣ ହୋଇଥିବାବେଳେ ସନ୍ଧ୍ୟା ସାଢେ ୬ଟାରେ ଦୀପ ପ୍ରଜ୍ୱଳନ କରାଯାଇଥିବା ଦେଖାଯାଇଛି।

କେତକ ଶୈବପୀଠରେ ଶିବ ସ୍ତୋତ୍ର ପଠନ ଏବଂ ସମୂହ ୧୦୮ ସମ୍ପୁଟଯୁକ୍ତ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ ଓ ଧ୍ୟାନ ସମେତ ଶିବତତ୍ୱ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଦେଖାଯାଇଛି। ବିଶ୍ୱାସ ରହିଛି ମହା ଶିବରାତ୍ରି ରେ ଓଁ ନମଃ ଶିବାୟ ନାମ ଜପ କରି ଦୀପ ଦାନ କଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ।ଭକ୍ତିର ସହିତ ଦେବଃ ଦେବଃ ମହାଦେବଙ୍କ ଉପାସନା କଲେ ଠାକୁର ପ୍ରଶନ୍ନ ହୋଇଥାନ୍ତି ମଧ୍ୟ ବୋଲି ବିଶ୍ୱାସ ମଧ୍ୟ ରହିଛି। ସେହିପରି ମହାଦୀପ ଉଠିବା ଦେଖିଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ଥିବାରୁ ହଜାର ହଜାର ମାନସିକଧାରୀ ଶ୍ରଦ୍ଧାଳୁ ମହାଦୀପ ଉଠିବା ଯାଏଁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିବା ଦୃର୍ଶ୍ୟ ଦେଖିବାକୁ ମିଳିଥିଲା। ରାତି ପ୍ରାୟ ସାଢେ ୧୧ ବେଳକୁ ଧବଳେଶ୍ୱର ଓ ୧୨ଟାବେଳକୁ ହଟକେଶ୍ୱରଙ୍କ ପୀଠରେ ମହାଦୀପ ଉଠିଛି।

**ଭୂଷଣ୍ଡପୁର:** ଟାଙ୍ଗୀ ବ୍ଲକର ଭୂଷଣ୍ଡପୁର ଗ୍ରାମପଞ୍ଚାୟତର ଉରୁମୁଖୀର ବ୍ରାହ୍ମଣଶାସନ ସନ୍ନିକଟ ରାଜପ୍ରତିଷ୍ଠିତ ପଶ୍ଚିମାଭିମୁଖୀ ଐଶାନେଶ୍ୱରଙ୍କ ପୀଠରେ ଆଜି ମହାଶିବ ରାତ୍ରି ପାଳିତ ହୋଇଛି। ସନ୍ଧ୍ୟାରେ ଶହ ଶହ ମହିଳା ଓ ପୁରୁଷ ସମବେତ ହୋଇ ଦୀପ ଜାଳିଥିଲେ। ଠାକୁରଙ୍କ ସମସ୍ତ ନୀତିକାନ୍ତିକୁ ସେବାୟତ ମହାପାତ୍ର ଆଉ ବ୍ରାହ୍ମଣମାନଙ୍କ ଦ୍ୱାରା ସୁଚାରୁ ରୂପେ ସମ୍ପାଦନ କରିଥିବାବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଠାକୁରଙ୍କ ଜାଗର ଯାତ୍ରାରେ ଆସି ପହଁଚି ଥିଲେ।

**ଟାଙ୍ଗୀ:** ଜାଗର ଅବସରରେ ଚଣ୍ଡେଶ୍ୱର ଠାରେ ପ୍ରଭୁ ଚଣ୍ଡିହରଦେବ, ସୁନ୍ଦରପୁର ର ମୁକ୍ତେଶ୍ୱରଦେବ, ଟାଙ୍ଗୀ ର ପଶ୍ଚିମାଭିମୁଖୀ ଲୋକନାଥ ଦେବ, ବଡପାରୀ ନିଳକଣ୍ଠେଶ୍ୱର ଦେବ, ଟାଙ୍ଗୀ ବିଲବାଲୁଙ୍କେଶ୍ୱର ଦେବ, କନ୍ଧନୟାଗଡ଼ସ୍ଥିତ ଇଶାଣେଶ୍ୱର, ମଙ୍ଗଳାଯୋଡିର ନିଳକଣ୍ଠେଶ୍ୱର, ଜିରିପଡ଼ା କେଦାରେଶ୍ୱର ଙ୍କ ପ୍ରସିଦ୍ଧ ଶୈବ ପୀଠ ସମେତ ପ୍ରତି ଗ୍ରାମରେ ଥିବା ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ନାହିଁନଥିବା ଭିଡ ପରିଲକ୍ଷିତ ହୋଇଛି। ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପ୍ରମୁଖ ଶୈବ ପୀଠ ଗୁଡିକରେ ପୁଲିସ ମୁତୟନ ହୋଇଥିବା ଜଣାପଡ଼ିଛି।



**ନିରାକାରପୁର:** ନିରାକାରପୁର ନୀଳକଣ୍ଠେଶ୍ୱର ଦେବ, ଡିଆ କପିଳେଶ୍ୱର ଦେବ, ପାଣ୍ଡବପାଟଣା କପିଳେଶ୍ୱର ଦେବ, ନିରାକାରପୁର ରାମ ମନ୍ଦିର ପରିସର ବାବା ଚନ୍ଦ୍ରଶେଖର ଦେବ, ସିଦ୍ଧେଶ୍ୱର ଦେବ, ସିକୋ ବାବା ଚନ୍ଦ୍ରଶେଖର ଦେବ, ରମାବିଲି ନୀଳକଣ୍ଠେଶ୍ୱର ଦେବ, ପଦ୍ମପୁର ସୋମନାଥ ଦେବ ପ୍ରମୁଖ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଡିଆ କପିଳେଶ୍ୱର ଦେବଙ୍କ ପୀଠରେ ଆଜି ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

**ବାଙ୍କୋଇ ତାରେଶ୍ୱର ଦେବଙ୍କ ପୀଠ:** ମହା ଶିବରାତ୍ରି ଅବସରରେ ଖୋର୍ଦ୍ଧା ଜିଲ୍ଲାର ବୋଲଗଡ଼ ବ୍ଲକ ବାଙ୍କୋଇ ଶ୍ରୀଶ୍ରୀ ତାରେଶ୍ୱର ଦେବଙ୍କ ପୀଠ ଚଳଚଞ୍ଚଳ ହୋଇ ଉଠିଛି। ଭକ୍ତଙ୍କ ଭିଡ଼ ଲାଗି ରହିଛି। ରାତିରେ ଅନ୍ଧକାରକୁ ପଛରେ ପକାଇ ମନ୍ଦିର ଚୁଡାକୁ ଉଠିଛି ମହାଦୀପ। ମହାଦୀପ ଦର୍ଶନ କରି ମାନସିକ ପୂରଣ କରିଛନ୍ତି ଶିବଭକ୍ତ।

ମନ୍ଦିର ସମ୍ମୁଖରୁ ବାହାର ପର୍ଯ୍ୟନ୍ତ ଭକ୍ତଙ୍କ ଧାଡି ଲାଗି ରହିଥିଲା। ପ୍ରାୟ ୨୫ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୪ ଟାରୁ ମନ୍ଦିର ଖୋଲାଯାଇ ଠାକୁରଙ୍କ ପହଡ଼ ଖୋଲିଥିଲା। ସାଢେ ୪ଟା ପର୍ଯ୍ୟନ୍ତ ଠାକୁରଙ୍କର ଅବକାଶ ନୀତି ହୋଇଥିଲା। ପରେ ସକାଳ ୮ଟା ପର୍ଯ୍ୟନ୍ତ ଠାକୁର ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସକାଳ ୮ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ପୂଜାର୍ଚ୍ଚନା, ନୀତି ଓ ସକାଳର ସମସ୍ତ ଧୂପ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟାରୁ ସନ୍ଧ୍ୟା ସାଢ଼େ ୬ଟା ପର୍ଯ୍ୟନ୍ତ ସର୍ବ ସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟାରୁ ସଢ଼େ ୭ଟା ପର୍ଯ୍ୟନ୍ତ ସନ୍ଧ୍ୟା ସନ୍ଧ୍ୟାନୀତି ଚାଲିଥିଲା। ପରେ ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୧୦ଟା ପର୍ଯ୍ୟନ୍ତ ପୁଣି ସର୍ବ ସାଧାରଣ ଦର୍ଶନ କରିଥିଲେ। ମନ୍ଦିର ସଫାସୁତରା କରାଯାଇ ରାତିରେ ଠାକୁରଙ୍କ ମହାଶିବରାତ୍ରି ନୀତି ମାଘ ସ୍ନାନ ତିନି ଧୂପ ଓ ଚାରି ଅବକାଶ ପରେ ହରିହର ଭେଟ ଓ କେତକୀ, ପଳାସ ଆଦି ଫୁଲ ଲାଗି ହୋଇଥିଲା। ପରିଶେଷରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିଥିଲା ବେଳେ ଚଳନ୍ତି ପ୍ରତିମା ଚନ୍ଦ୍ର ଶେଖର ମନ୍ଦିର ଭିତରକୁ ପ୍ରବେଶ କରିଥିଲେ।

**ବାଲୁଗାଁ:** ସମଗ୍ର ବାଲୁଗାଁ ଅଞ୍ଚଳର ସୁପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ରବିବାର ପାରମ୍ପରିକ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ଦିନତମାମ ହଜାର ହଜାର ଉପାସନାକାରୀ ଠାକୁରଙ୍କ ଦର୍ଶନ କରିବା ସହ ଜଳ, କ୍ଷୀର, କେତକୀ ଫୁଲ ଓ ଭୋଗ ଲାଗି କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିସରରେ ସନ୍ଧ୍ୟାରୁ ରାତ୍ରି ତମାମ ଦୀପ ଜାଳି ଶ୍ରଦ୍ଧାଳୁ ଉଜାଗର ରହିଥିଲେ। ପରମ୍ପରା ତଥା ପୂର୍ବ ସମୟ ନିର୍ଘଣ୍ଟଅନୁଯାୟୀ ରାତ୍ରି ୧୦ଘଟିକା ସମୟରେ ଶ୍ରୀ ଉମାମହେଶ୍ୱର ଦେବଙ୍କ ବେଢ଼ା ଅନୁଷ୍ଠିତ ହୋଇଥିବା ବେଳେ ଠାକୁରଙ୍କ ସହ ଶ୍ରଦ୍ଧାଳୁ ମାନେ ମନ୍ଦିର ବେଢ଼ାକୁ ସାତ ଥର ପରିକ୍ରମା କରିଥିଲେ। ପୀଠରେ ଜାଗର ଜାଳୁଥିବା ଉପାସନାକରୀଙ୍କ ନିମନ୍ତେ ରାତ୍ର ତମାମ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ସେହିପରି ସର୍ବପୁରାତନ ଶୈବପୀଠ ଶ୍ରୀ ରାମେଶ୍ୱର ଦେବ ପୀଠ, ନୀଳକଣ୍ଠେଶ୍ୱର ଦେବ ନିମିକ୍ଷେତା, ଜଗତେଶ୍ୱରଦେବ ସୁବୁଦ୍ଧିପାଟଣା, ଗାଦିଶ୍ୱରଦେବ ବଡ଼କୁଳ, ସିଙ୍ଗୀନାଥ ଦେବ ସିଙ୍ଗେଶ୍ୱର, କଳିଯୁଗେଶ୍ୱର ଦେବ ମଠପୁର, ଧବଳେଶ୍ୱର ଦେବ ଧୂଆଁଳ, ବାଣପୁରର ଗୁପ୍ତେଶ୍ୱରଦେବ ଗାଲୁଆ, ଭେଟିନାଥ ଦେବ ଭେଟେଶ୍ୱର, ବୁଢ଼ାକପିଳେଶ୍ୱର ଦେବ ଆଦି ବାଲୁଗାଁ ବାଣପୁର ଅଞ୍ଚଳର ପ୍ରମୁଖ ଶୈବପୀଠ ଓ ବାଲୁଗାଁ ମାମୁଁ ଭଣଜା ପାହାଡ଼ ସ୍ଥିତ ସାଇବାବା ମନ୍ଦିରେ ମହାସମାରୋହରେ ଜାଗରଯାତ୍ରା ପାଳିତ ହୋଇଯାଇଛି।

## ବ୍ରହ୍ମାକୁମାରୀ ଆଶ୍ରମରେ ଜାଗର ଉତ୍ସବ



ଖୋର୍ଦ୍ଧା, ୧୫।୨(ସମିସ): ସ୍ଥାନୀୟ ଗୋଡ଼ିପୋଖରୀଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ସଂସ୍ଥାର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ମହାଶିବରାତ୍ରି ଜାଗର ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ଓ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ନାୟକ ଯୋଗଦାନ କରି ବିଶ୍ୱଶାନ୍ତି ପାଇଁ ପ୍ରଦୀପ ପ୍ରଜ୍ୱଳନ ସହିତ ପରମାତ୍ମା ଶିବ ବାବାଙ୍କର ଧ୍ୱଜା ଉତୋଳନ କରିଥିଲେ। ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମା କୁମାରୀ ପାଠାଶାଳାରୁ ୩୦୦ ଭାଇ ଭଉଣୀ ସୁସଜ୍ଜିତ ରଥରେ ଶିବ ଭଗବାନଙ୍କୁ ସ୍ଥାପନ କରି ଏକ ଶାନ୍ତି ଶୋଭାଯାତ୍ରାରେ ଖୋର୍ଦ୍ଧା ସହର ପରିକ୍ରମା କରିଥିଲେ। ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ପରମାତ୍ମା ଶିବ ବାବାଙ୍କର ଧରାବତରଣର ବାର୍ତ୍ତା, ମହିମା ଓ ଗୁଣଗାନ କରିଥିଲେ। ବ୍ରହ୍ମା କୁମାରୀ ରଶ୍ମି ଓ କଳ୍ପନା ଭଉଣୀ ମଞ୍ଚାଶିନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ, ତିଳକ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଖୋର୍ଦ୍ଧା ସହରରେ ଥିବା ସମସ୍ତ ଶିବ ମନ୍ଦିରରେ ଶ୍ରଦ୍ଧାଳୁ ଶିବ ଭକ୍ତମାନଙ୍କୁ ଶିବ ବାବାଙ୍କର ପରିଚୟ ପତ୍ର ବଣ୍ଟନ କରାଯାଇଥିଲା।

## ଶକ୍ତିଶ୍ରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଚିଲିକା, ୧୫।୨(ସମିସ): ନାଚୁଣୀ ମହାବିଦ୍ୟାଳୟ ପରିସର ମଧ୍ୟରେ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍‌ଫ ଦ୍ୱାରା ଆୟୋଜିତ ଆରକ୍ଷା କୌଶଳ ଶିବର କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନାଚୁଣୀ ଥାନାର ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଶେଖର ଜେନା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ସଠିକ୍ ପ୍ରୟୋଗ ଉପରେ ସୂଚାଇ ଥିଲେ। ଏହି ଉଦଯାପନୀ ଉତ୍ସବରେ କୃତି ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ବିତରଣ କରାଯାଇଥିଲା। ଛାତ୍ରୀମାନେ ଟ୍ରେନର୍ ଲେଫ୍ଟନାଣ୍ଟ ମିଲି ବେହେରାଙ୍କ ଦ୍ୱାରା ପ୍ରଶିକ୍ଷିତ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ସଭାରେ ସହ-ସଂଯୋଜିକା ଅଧ୍ୟାପିକା ଲୋପାମୁଦ୍ରା ମିଶ୍ର, ଅଧ୍ୟାପିକା ଶୁଭ୍ର ଜ୍ୟୋସ୍ନା ବିଶ୍ୱାଳ, ଅଧ୍ୟାପିକା ଲିପ୍ସା ବେହେରା, ଅଧ୍ୟାପିକା ଚେତନା ଚର୍ଚ୍ଚିତା ଚମ୍ପତିରାୟ ଓ ଅଧ୍ୟାପିକା ରାଜଲକ୍ଷ୍ମୀ ବେହେରା ଯୋଗ ଦେଇଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶକ୍ତିଶ୍ରୀ ସଂଯୋଜିକା ଅଧ୍ୟାପିକା ସି. ମଞ୍ଜୁଲତା।

## କପିଳେଶ୍ୱର ଦେବ ପୀଠରେ କ୍ଷୀର ସାଗର ଉତ୍ସବ



ନିରାକାରପୁର, ୧୫।୨ (ସମିସ): ନିରାକାରପୁର ବାଇଶଦେଶ ଯାଦବ ସମିତି ଦ୍ୱାରା ଆଜି ବିଂଶତମ ବାର୍ଷିକ କ୍ଷୀର ସାଗର ଓ ୧୨୧ ତମ ବାର୍ଷିକ ସମ୍ମିଳନୀ ଜାଗରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବାଇଦେଶ ଯାଦବ ସମିତି ନିରାକାରପୁର ମଞ୍ଜାରିଆପାଟଣାସ୍ଥିତ ମା ଦହିଖାଇ ଠାକୁରାଣୀଙ୍କ ପୀଠରେ ପୂଜା ଅର୍ଚ୍ଚନା ଶେଷକରି ଏକ ବିରାଟ ପଟୁଆରରେ କ୍ଷୀର ଡ୍ରମଗୁଡ଼ିକୁ ଡିଆ ବାବା କପିଳେଶ୍ୱର ଦେବଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ପ୍ରାୟ ୧୦ହଜାର ଲିଟର କ୍ଷୀରରେ ବାବା କପିଳେଶ୍ୱର ଦେବଙ୍କ କ୍ଷୀରାଭିଷେକ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବାଇଶଦେଶ ଯାଦବ ସମିତି ସଭାପତି ରତ୍ନାକର ବେହେରା, ସମ୍ପାଦକ ନିରଞ୍ଜନ ବେହେରା, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ଯାମିନୀ ମୋହନ ବେହେରା, ଲକ୍ଷ୍ମୀଧର ବେହେରା, ବିଶ୍ୱନାଥ ବେହେରା ଓ ବଂଶୀଧର ବେହେରା ପ୍ରମୁଖ। ଦହିଖାଇ ଠାକୁରାଣୀଙ୍କ ପୀଠକୁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଆସି ଠାକୁରାଣୀଙ୍କ ଆର୍ଶିବାଦ କାମନା କରିଥିଲେ।

## ବଡ଼ପଦର ଜାଗର ମହୋତ୍ସବ ଉଦ୍‌ଘାଟିତ



ବେଗୁନିଆ, ୧୫।୨(ସମିସ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବଡପଦର ଗ୍ରାମ ସ୍ଥିତ ଲୋକେଶ୍ୱର ଦେବଙ୍କ ପୀଠରେ ଯୁବକ ସଂଘ ପକ୍ଷରୁ ଦ୍ୱିତୀୟ ବାର୍ଷିକ ଜାଗର ମହୋତ୍ସବ ଉଦଘାଟିତ ହୋଇଛି। ଏଥିରେ ବିଜେପି ଦଳର ରାଜ୍ୟ ଉପସଭାପତି ଡ. ଯତୀନ କୁମାର ମହାନ୍ତି ମୁଖ୍ୟଅତିଥି, ସମିତି ସଭ୍ୟ ଦିଲ୍ଲୀପ କୁମାର ମହାପାତ୍ର ମୁଖ୍ୟବକ୍ତା, ପୂର୍ବତନ ଜିଲ୍ଲା ସଭାପତି ରୁଦ୍ର ନାରାୟଣ ବାହିନୀପତି, ମଲିପଦର ଆମ ଗାଁ ମହୋତ୍ସବର ସମ୍ପାଦକ ଡ. ଶିଶିର କୁମାର ଆଚାର୍ଯ୍ୟ, ଅବସରପ୍ରାପ୍ତ ସେନା କର୍ମଚାରୀ ଭୁବନାନନ୍ଦ ସାହୁ, ଲକ୍ଷ୍ମୀପ୍ରିୟା ପଣ୍ଡା, ଶିଶିର କୁମାର ଛୁଆଲସିଂହ ଓ ଗିରିଶ ପଟ୍ଟନାୟକ ସମେତ ଅତିଥି ମାନେ ଯୋଗ ଦେଇ ମତ ପ୍ରକାଶ କରିଥିଲେ। ଖୋର୍ଦ୍ଧା ଡିଭାଇନ ଡ୍ୟାନସ ଗ୍ରୁପ, ବୀଣାପାଣି ଡ୍ୟାନସ ଗ୍ରୁପ ଶିଶୁ କଳାକାର ଗାର୍ଗୀ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ସହ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ମତୁଆଲା କରିଥିଲା।

## ନୂତନ ପ୍ରବଚନ ମଣ୍ଡପ ଉଦ୍‌ଘାଟିତ

ବାଣପୁର, ୧୫।୨(ସମିସ): ବାଣପୁରର ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଦୀର୍ଘ ୨୦ ବର୍ଷ ହେଲା ଆରାଧ୍ୟ ଠାକୁର ଶ୍ରୀ ରଙ୍ଗନାଥ ଦେବଙ୍କ ପୀଠରେ ସାମୁହିକ ହନୁମାନ ଚାଳିଶା ପଠନ ଓ ଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ତିନି ଦିନ ଧରି ଶ୍ରୀ ରଙ୍ଗନାଥ ଦେବଙ୍କ ମନ୍ଦିରରେ ଆଡମ୍ବର ସହ ଅନୁଷ୍ଠିତ ହୋଇ ଯାଇଛି। ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟିର ଅନୁରୋଧ କ୍ରମେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀଙ୍କ ନିଜସ୍ୱ ଅନୁଦାନରେ ନୂତନ ମଣ୍ଡପ ନିର୍ମାଣ ହୋଇଥିବା ବେଳେ ରବିବାର ମହାଶିବରାତ୍ରିରେ କମିଟି ତରଫରୁ ମନ୍ଦିର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ମଣ୍ଡପର ଶୁଭ ଉଦଘାଟନ କରିଛନ୍ତି। ଏହି ଅବସରରେ କମିଟି ତରଫରୁ ସଦସ୍ୟ ମାନେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ମନ୍ତ୍ରୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ବାଣପୁର ଏନଏସି ନଗରପାଳ ମିଟୁ ନାୟକ, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ସାମିଲ ହୋଇ ଥିଲେ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା

ନିରାକାରପୁର, ୧୫।୨ (ସମିସ): ଖୋର୍ଦ୍ଧା ଜିଲ୍ଲା ଲେଣ୍ଟୁ ପଞ୍ଚାୟତ ଆରେଡି ଗ୍ରାମରେ ଗ୍ରାମେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ ଧାରୀ ମହିଳା ପୁରୁଷ ମାନେ ନିକଟସ୍ଥ ନଦୀରୁ ଜଳ ଆଣିଥିଲେ। ଦୈନନ୍ଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର ଅଛି।

## ରାଜ ଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଟାଙ୍ଗୀ, ୧୫।୨(ସମିସ): ରାଜ ଜଙ୍କିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ପ୍ରଫୁଲ କୁମାର ଭଟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରଣପୁର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ, ମୁଖ୍ୟବକ୍ତା ଶିକ୍ଷକ ଫେଡେରସନ ମହାସଚିବ ଜ୍ୟୋତି ରଞ୍ଜନ ଦାଶ, ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରତ୍ନ ମଞ୍ଜରୀ ପ୍ରଧାନ, ସମିତି ସଭ୍ୟା କଲ୍ୟାଣୀ ଦଳାଇ, ଶିକ୍ଷକ ନୀଳମଣି ବେହେରା, ଏନ ପି ଏସ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ କର, ସିଆରସିସି ପ୍ରମୋଦ କୁମାର ମଲିକ, ଅବସରପ୍ରାପ୍ତ ଶିକ୍ଷକ ସୁରଥ ଚନ୍ଦ୍ର ସ୍ୱାଇଁ, ଧନେଶ୍ୱର ରାଉତରାୟ, ବାଳକୃଷ୍ଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟତ୍ରୀ ଦିପ୍ତୀମୟୀ ଭୋଳ, ଶିବ ଚନ୍ଦନ ପ୍ରଧାନ, ସୁରେଶ ଚନ୍ଦ୍ର ସାହୁ, ପର୍ଶୁରାମ ବଳିୟାର ସିଂ ପ୍ରମୁଖ ଯୋଗଦେଇ ଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ଆଦ୍ୟାଶା ପାଇକରାୟ, ଶୁଭଲକ୍ଷ୍ମୀ ମାର୍ଥୀ, ପ୍ରେୟାସ ପ୍ରଣତିଙ୍କୁ ସମ୍ବର୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିରଞ୍ଜନ ରଣବିଜୁଳି ଧନ୍ୟବାଦ ପ୍ରଦାନ କରିଥିଲେ।

## ପ୍ରାଥମିକ ଚିକିତ୍ସା ସେବା ଶିବିର

ବେଗୁନିଆ, ୧୫।୨ (ସମିସ): ବେଗୁନିଆ ବ୍ଲକ ଗୋଡ଼ା ଗ୍ରାମସ୍ଥିତ ବାବା ଲୋକନାଥ ଦେବ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ଜୁନିୟର ରେଡ଼କ୍ରସ ପକ୍ଷରୁ ପ୍ରାଥମିକ ଚିକିତ୍ସା ସେବା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଶିକ୍ଷାବିତ ପବିତ୍ର ମୋହନ ଖାଡଙ୍ଗାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ତୋଫାନ ରାଉତଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ମୁଖ୍ୟବକ୍ତା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞା ପାରମିତା ଜେନା, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଜିଲ୍ଲା ଜୁନିଅର ରେଡ଼କ୍ରସ ସହକାରୀ ସମ୍ପାଦକ ଉପେନ୍ଦ୍ରନାଥ ଦାସ, ଶିକ୍ଷାବିତ୍ ବିଜୟ କୁମାର ରାଉତରାୟ, ପ୍ରଧାନ ଶିକ୍ଷୟିତ୍ରୀ ପ୍ରତୀକ୍ଷା ପ୍ରଜ୍ଞା, କାଉନସେଲର ସିଦ୍ଧେଶ୍ୱର କର ଓ ସ୍କାଉଟ ଶିକ୍ଷକ କେଦାରନାଥ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବପୀଢ଼ି ସେବା ମନୋଭାବ ରଖି କାର୍ଯ୍ୟ କରିବା ପାଇଁ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଇନ୍ଦ୍ରମଣି ରଣ ବିଜୁଳି, ଭୀମ ସାମନ୍ତରାୟ, ପୁଷ୍ପଲତା ସାହୁ, ବିଶ୍?ଦୀପ ପ୍ରଧାନ ଓ ଝାମ୍ପୁଲି ଚମ୍ପତିରାୟ ପ୍ରମୁଖ ସହଯୋଗ କରିଥିଲେ।

## ସହିଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ବାଲୁଗାଁ, ୧୫।୨(ସମିସ) : ବାଲୁଗାଁ ନିକଟସ୍ଥ ଛେଡାପଦର ଗ୍ରାମର ବୁଲେଟ କ୍ଲବ ତରଫରୁ କଳା ଦିବସ ପାଳନ ଅବସରରେ କ୍ଲବର ସଦସ୍ୟମାନେ ଗ୍ରାମ ପ୍ରାରମ୍ଭରେ ଥିବା ସହିଦ୍ ଦୁଷ୍ମନ୍ତ କୁମାର ସାମନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ନିରବ ପ୍ରାର୍ଥନା କରିଥିବା ବେଳେ ସେଠାରୁ ଶହୀଦ ବୀର ଯବାନ ଅମର ରହେ ଆଦି ବିଭିନ୍ନ ସ୍ଲୋଗାନ ଦେଇ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ଗ୍ରାମର ପୂର୍ବତନ ବାୟୁସେନା ବାହିନୀର ଜଗଦୀଶ ମୁଆଁଖିଆ, ଶହୀଦ ଦୁଷ୍ମନ୍ତ କୁମାର ସାମନ୍ତଙ୍କ ଭାଇ ଜୟନ୍ତ କୁମାର ସାମନ୍ତଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ବିଶେଷ ଓ ଯୁବଗୋଷ୍ଠୀ ସାମିଲ ହୋଇଥିଲେ।

# ଖୋର୍ଦ୍ଧା ନା ଖୋରଧା; ମିଶ୍ର ପ୍ରତିକ୍ରିୟା ରଖିଲେ ବୁଦ୍ଧିଜୀବୀ

## ନିଉ ଥିଙ୍କିଂ ଫୋରମ୍ ପକ୍ଷରୁ ଆଲୋଚନାଚକ୍ର




ଖୋର୍ଦ୍ଧା, ୧୫।୨(ସମିସ)

ଜେଲ୍‌ରୋଡ୍‌ସ୍ଥିତ ଶ୍ୟାମମାଧବ ପାଠାଗାର ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନିଉ ଥିକିଙ୍ଗ୍ ଫୋରମ୍' ଆନୁକୂଲ୍ୟରେ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ଆବାହକତ୍ୱରେ ଖୋର୍ଦ୍ଧାର ନାମକରଣକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବୃନ୍ଦାବନ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଆଲୋଚନାର ଶୀର୍ଷକ ଥିଲା କେଉଁଟି ଠିକ୍ - ଖୋର୍ଦ୍ଧା, ଖୋର୍‌ଧା ଓ ଖୋରଧା। ଏଥିରେ ସ୍ଥାନୀୟ ଐତିହାସିକ, ଅଧ୍ୟାପକ, ସାହିତ୍ୟିକ, ଆଇନ୍‌ଜୀବୀ ତଥା ସାଧାରଣ ଜନତା ଉପସ୍ଥିତ ହୋଇ ମାଦଳା ପାଞ୍ଜି, ଚଇନି ଚକଡ଼ା, ଶୀଳାଲେଖ, ଖୋର୍ଦ୍ଧା ଇତିହାସ, ଖୋର୍ଦ୍ଧା ଦର୍ପଣ, ମଧ୍ୟଯୁଗର ସବୁ କାର୍ଯ୍ୟରେ 'ଖୋରଧା' ଲେଖାଯାଉଥିଲା ବୋଲି ମତପ୍ରକାଶ ପାଇଥିଲା।

ଅନ୍ୟପକ୍ଷରେ କିଛି ବୁଦ୍ଧିଜୀବୀ, ଆଇନ୍‌ଜୀବୀ, ସମାଜସେବୀ, ସାହିତ୍ୟିକ, ସମବାୟବିତ୍, ଶିକ୍ଷକନେତା, ନାରୀନେତ୍ରୀମାନେ ମତ ରଖିଥିଲେ ଯେ, ବର୍ତ୍ତମାନ ସମସାମୟିକ ଯୁଗରେ ବିଭିନ୍ନ ସ୍ଥାନରେ ଯଥା-ବିଚାରାଳୟ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ପାଠ୍ୟପୁସ୍ତକ, ରାସ୍ତାଘାଟର ହୋର୍ଡିଂ, ନିମନ୍ତ୍ରଣ ପତ୍ର, ସମ୍ବାଦପତ୍ର, ବ୍ୟବସାୟିକ ଅନୁଷ୍ଠାନ, ପୂଜାପାର୍ବଣ, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତିରେ ଖୋର୍ଦ୍ଧା ଲେଖାଯାଉଥିବାର ଦୃଢ଼ଯୁକ୍ତି ବାଢ଼ିଥିଲେ।

ଏଥିରେ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ ଯେ, ଯୁଗର ପରିବର୍ତନ ଅନୁଯାୟୀ ଉଚ୍ଚାରଣର ପରିବର୍ତ୍ତନ ଘଟୁଛି। 'ଖୋରଧା' ଲେଖାଗଲେ ବୀରମାଟିର ଗାମ୍ଭିର୍ଯ୍ୟତା ପ୍ରକାଶ ପାଉନାହିଁ। ଯୁବପିଢ଼ୀ, ସାଧାରଣ ଜନତା, ଐତିହାସିକ, ସାହିତ୍ୟିକ, ଆଇନ୍‌ଜୀବୀ, କବି, ରାଜନେତା ସମସ୍ତେ ଖୋରଧା ଲେଖିଲେ ମଧ୍ୟ 'ଖୋରଧା' ନ କହି 'ଖୋର୍ଦ୍ଧା' ଉଚ୍ଚାରଣ କରୁଛନ୍ତି। ତେଣୁ ଏହି ବୁଦ୍ଧିଜୀବୀଙ୍କ ମତାନୁଯାୟୀ 'ଖୋରଧା' କୁ 'ଖୋର୍ଦ୍ଧା' ବୋଲି ଉଚ୍ଚାରଣ କରାଗଲେ ବର୍ତମାନ ଯୁଗରେ ଏହା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ। ଏହି ବିଷୟବସ୍ତୁକୁ ସ୍ଥାନୀୟ ଜିଲ୍ଲାପାଳଙ୍କ ପାଖରେ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା। ଫୋରମ୍‌ର ସଭାପତି ଶ୍ରୀ ପୃଷ୍ଟିଙ୍କ ଦ୍ୱାରା ଆହୁତ ଏହି ଆଲୋଚନା ଚକ୍ରରେ ସଂଯୋଜନା କରିଥିଲେ ଶିକ୍ଷାବିତ୍ ଡ. ନିରଞ୍ଜନ ମହାନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଐତିହାସିକ ବୈକୁଣ୍ଠନାଥ ରାଜଗୁରୁ, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବ ପ୍ରସାଦ ମଜୁମ୍‌ଦାର, ଆଇନ୍‌ଜୀବୀ ବିଜୟ ସାମନ୍ତସିଂହାର, ଭବାନୀ ପ୍ରସାଦ ଦାସ, ସମ୍ପର୍କର ସଭାପତି ଲଳିତ ସ୍ୱାଇଁ, ଶିକ୍ଷକ ନେତା ଯୁଧିଷ୍ଠିର ସାହୁ, ଗବେଷକ ଗୋପାଳକୃଷ୍ଣ ଦାସ, ସମବାୟବିତ୍ ଡ.ବିମଳ ଷଡ଼ଙ୍ଗୀ, ସମାଜସେବୀ ବୈକୁଣ୍ଠ ମହାପାତ୍ର, ପୁଷ୍ପଲତା ମହାପାତ୍ର, ସ୍ମୃତି ମିଶ୍ର, ମାମିନା ପ୍ରଧାନ, ଉର୍ମିଳା ବେହେରା, ଡ.ଚପଳା ପଣ୍ଡା, ଅଧ୍ୟକ୍ଷ ଗଙ୍ଗାଧର ଦାସ, ମଦନ ଅଗ୍ରୱାଲା, ବାସୁଦେବ ମିଶ୍ର, ମହାଦେବ ମହାପାତ୍ର, ଗିରିଜା ପଟ୍ଟନାୟକ, ଅମିୟ ପରିଡ଼ା, ବୈଦେହୀ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

